## ସଂକ୍ଷେପରେ

### ଭାଜପାର ମିଶ୍ରଣ ପର୍ବ

**ରାଜକନିକା,୧୦।୯(ସଞ୍ଜୟ କୁମାର ଦାଶ):** ରାଜକନିକା ଅଶୋକ ବଜାରଠାରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ପ୍ରାଧ୍ୟାପକ ବୈକୁଣ୍ଠ ନାଥ ପରିଡ଼ାଙ୍କ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ତ୍ରୈଲୋକ୍ୟପୁର ପଞ୍ଚାୟତ ଶିଶୁଆ ଗ୍ରାମର ନେତା ଓ କର୍ମୀ ଅନ୍ୟ ଦଳ ଛାଡି ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି । କନିକା ସଦର ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ବରିଷ୍ଠ ଭାଜପା ନେତା ପ୍ରାଧ୍ୟାପକ ପରିଡ଼ା ନୂତନ ଭାବେ ଯୋଗ ଦେଇଥିବା ନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ, ଟୋପି ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଶିଶୁଆ ଗ୍ରାମର ଭାଗୀରଥି ଜେନା, କାଶୀନାଥ ଜେନା, ଅକ୍ଷୟ ନାୟକ, ସରୋଜ ଜେନା ଓ କେଶବ ଜେନା ପ୍ରମୁଖ ଭାଜପାରେ ଯୋଗ ଦେଇ ଖୁସିବ୍ୟକ୍ତ କରିବା ସହ ତୃଣମୂଳସ୍ତରରୁ ଭାଜପା ସଙ୍ଗଠନକୁ ମଜଭୁତ କରିବା ପାଇଁ ସଙ୍କଳ୍ପ ନେଇଥିଲେ ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରୀକ୍ଷା କର୍ମଶାଳା

**ପଟ୍ଟାମୁଣ୍ଡାଇ,୧୦।୯(କଳ୍ପତରୁ ନାୟକ):** ଓଡ଼ିଶା ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇ ଦିନିଆ ପରୀକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିକାଶ ସମିତି ପ୍ରାନ୍ତୀୟ ପରୀକ୍ଷା ସଂଯୋଜକ ମନୋଜ ଦାସ, କେନ୍ଦ୍ରାପଡ଼ା ବିଭାଗ ନିରୀକ୍ଷକ ଡ଼ ଲକ୍ଷ୍ମଣ ମହାନ୍ତି ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବାବେଳେ ପରିଚାଳନା କମିଟି ସଭାପତି ପ୍ରମୋଦ ନାୟକ ଯୋଗ ଦେଇ ପରୀକ୍ଷା ପରିଚାଳନା, ପ୍ରଶ୍ନପତ୍ର ପ୍ରସ୍ତୁତି ଓ ମୂଲ୍ୟାୟନ ଉପରେ ପ୍ରଶିକ୍ଷଣ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସହକାରୀ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ । ଏଥିରେ ଜିଲାର ୩୫ ଶିଶୁ ବିଦ୍ୟାମନ୍ଦିରର ୬୭ଜଣ ପ୍ରଧାନଆଚାର୍ଯ୍ୟ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୦ ଆଚାର୍ଯ୍ୟା ଆଚାର୍ଯ୍ୟ ପରିଚାଳନା କରିଥିଲେ ।

### କଲେଜରେ ମହିଳା କର୍ମଚାରୀଙ୍କୁ ଅଶାଳୀନ ବ୍ୟବହାର : ଥାନାରେ ଅଭିଯୋଗ

**ନାଉଗାଁ,୧୦।୯(ସୁଧା ବେହୁରା):** ନାଉଗାଁ ଥାନା ଅନ୍ତର୍ଗତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ମହିଳା କର୍ମଚାରୀଙ୍କୁ ବିଦ୍ୟାଳୟର କର୍ମଚାରୀ ଓ ଶିକ୍ଷକ ଅଶାଳୀନ ବ୍ୟବହାର କରୁଥିବା ନେଇ ଶନିବାର ଥାନାରେ ଲିଖିତ ଅଭିଯୋଗ ହୋଇଛି । ସମ୍ପୃକ୍ତା ମହିଳାଙ୍କ ଅଭିଯୋଗ ମୁତାବକ, ସେ ୧୩ ବର୍ଷ ହେବ ଉକ୍ତ ଶିକ୍ଷାନୁଷ୍ଠାନରେ ଲାଇବ୍ରେରୀ ଆସିଷ୍ଟାଟ ଭାବେ କାର୍ଯ୍ୟ କରି ଆସୁଛନ୍ତି । ତେବେ କାର୍ଯ୍ୟ କରିବା ସମୟରେ ଜଣେ କର୍ମଚାରୀ ଓ ୨ ଜଣ ଶିକ୍ଷକ ତାଙ୍କୁ ହଇରାଣ କରିବା ସହ ଅଶାଳୀନ ବ୍ୟବହାର କରୁଛନ୍ତି । ଏସକ୍ରାନ୍ତରେ ସେ ପ୍ରତିବାଦ କଲେ ତାଙ୍କୁ ଉପସ୍ଥାନ ଖାତାରେ ଦସ୍ତଖତ କରିବା ପାଇଁ ବାଧା ଦିଆଯାଏ । ଏହାର ବିଧିବଦ୍ଧ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରିବା ପାଇଁ ସେ ଅଭିଯୋଗରେ ଦର୍ଶାଇଛନ୍ତି । ଏହାକୁ ଭିତ୍ତିରେ ଥାନାରେ ମାମଲା (ନଂ.୨୨୩/୨୩) ରୁଜୁ କରାଯାଇଛି । ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି ।

### ସ୍କୁଲକୁ ଯାଇ ଫେରିଲେ ନାହିଁ ପୁଅ

**ଡେରାବିଶ,୧୦।୯(ବେବର୍ତ୍ତା ଅଜୟ ଦାସ)** କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡିର ହରିଅଙ୍କ ପଞ୍ଚାୟତ ଦକ୍ଷିଣଖଣ୍ଡ ଭୋଳ ଗ୍ରାମର ବାଇନ ମଳିକଙ୍କ ପୁଅ ସୋନୁ (୧୪) ସ୍କୁଲକୁ ଯାଇ ଆଉ ଘରକୁ ଫେରି ନ ଥିବା ସଦରଥାନାରେ ଅଭିଯୋଗ କରାଯାଇଛି । ଅଭିଯୋଗ ମୁତାବକ ସୋନୁ ହରିଅଙ୍କ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀର ଛାତ୍ର । ସେ ସବୁଦିନ ପରି ଗତ ୮ ତାରିଖ ଦିନ ଘରୁ ସକାଳ ୯.୩୦ରେ ସ୍କୁଲକୁ ଯାଇଥିଲେ । ସେଠାରେ ସେ ମଧ୍ୟାହ୍ନ ଭୋଜନ ଖାଇଥିଲେ । ହେଲେ ସେଦିନ ଅପରାହ୍ନରେ ଆଉ ଘରକୁ ଫେରି ନ ଥିଲେ । ଘରକୁ ଫେରିବା ବିଳମ୍ବ ହେବା ଦେଖି ଖୋଜାଖୋଜି କରିବାରୁ ତାଙ୍କ କୌଣସି ସନ୍ଧାନ ମିଳି ନ ଥିଲା । ପରଦିନ ପୁଅର ନିଖୋଜ ସମ୍ପର୍କରେ ବାଇନ ସଦର ଥାନାରେ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ସଦର ଥାନାରେ ଏକ ମାମଲା(ନଂ. ୬୫୫/୨୩) ରୁଜୁ ହୋଇଛି । ପୋଲିସ କହିଛି ତାଙ୍କର ଅନ୍ୟ ଜଣେ ସାଙ୍ଗ ମଧ୍ୟ ନିଖୋଜ ହୋଇଥିବା କୁଦାନଗରୀ ଥାନାରେ ଅଭିଯୋଗ ହୋଇଛି ।

# ସଜେଇ ହେଉଛି ପାଣିକୋଇଲି ବଜାର

## ଆସୁଛି ଗଜାନନଙ୍କ ପୂଜା

**ପାଣିକୋଇଲି,୧୦।୯(ବିକାଶ ମଲ୍ଲିକ):** ଆଉ ଦିନ କେଇଟା ପରେ ଧରାପୃଷ୍ଠକୁ ପୂଜା ପାଇବାକୁ ଓହ୍ଲାଇ ଆସିବେ ଗଜାନନ । ଏଥିଲାଗି ସଜେଇ ହେଉଛି ପାଣିକୋଇଲି ବଜାର । ଦୋଳ ମେଲଣ ପରେ ଗଜାନନଙ୍କ ପୂଜା ପାଣିକୋଇଲିର ଅନ୍ୟତମ ଗଣପର୍ବ ହୋଇଥିବାବେଳେ ଏଥି ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୧୯୫୭ରୁ ପାଣିକୋଇଲି ଅଞ୍ଚଳର ଦିବଂଗତ ଜନନେତା କିଶୋର ଚନ୍ଦ୍ର ମଲ୍ଲିକ ଏଠାରେ ଗଜାନନଙ୍କ ପୂଜା ଆରମ୍ଭ କରିଥିଲେ । ସେବେଠାରୁ ବହୁ ଘାତପ୍ରତିଘାତ ସତ୍ତ୍ୱେ ଉକ୍ତ ପୂଜାକୁ ବଞ୍ଚାଇ ରଖିଛନ୍ତି ପାଣିକୋଇଲି ବଜାରର ବ୍ୟବସାୟୀ ଓ ସ୍ଥାନୀୟ ଯୁବକମାନେ । ଆଗରୁ ବଜାର ଉପରେ ଅସ୍ଥାୟୀ ତମ୍ବୁତଳେ ପୂଜା ହେଉଥିବା ବେଳେ ବର୍ତ୍ତମାନ ତାହା ବଜାରର ମଧ୍ୟସ୍ଥଳୀରେ ଥିବା ମା’ତାରିଣୀଙ୍କ ମନ୍ଦିରରେ ଆୟୋଜିତ ହେଉଛି । ପ୍ରତ୍ୟେକ ବର୍ଷ ଜାକଜମକରେ ପାଳନ କରାଯାଉଥିବା ଗଜାନନଙ୍କ ପୂଜାଚଳିତ ବର୍ଷ ମଧ୍ୟ ଶୃଙ୍ଖଳାର ସହିତ ପାଳନ କରାଯିବ । ଏଥିଲାଗି ସୁଦୃଶ ତୋରଣ ସହିତ ଆକର୍ଷଣୀୟ ମାଟିର ପ୍ରତିମାଙ୍କ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପୂଜା ପାଳନ ଲାଗି ଦିନ ରାତି ଏକ କରିଦେଇଛନ୍ତି ସ୍ଥାନୀୟ ଗଣେଶ କମିଟିର ସଦସ୍ୟ ତଥା ବଜାରର ସମସ୍ତ ବ୍ୟବସାୟୀ । ଚଳିତ ବର୍ଷ ପୂଜା ୧୯ ତାରିଖରେ ଆରମ୍ଭ ହେବ । ୨୩ ତାରିଖରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଦିଲୀପ କୁମାର ନାୟକ, ଉପସଭାପତି ନଟବର ଦଳାଇ, ସମ୍ପାଦକ ବିଜନ ଧଳ, ବଳରାମ ସାହୁ, ବିଶ୍ୱନାଥ ଆଇଚ, ପୁରୁଷୋତ୍ତମ ସାହୁ, ଦୀପକ ପରିଡ଼ା, ରାଜନ୍ଦ୍ର ବେହେରା, ସଞ୍ଜୟ ଦଳେଇ, ଅଜୟ ଧଳ, ଗଣେଶ ମଲ୍ଲିକ, କପିଳେଶ୍ୱର ରଣା, ସରୋଜ ପଣ୍ଡା, ଅକ୍ଷୟ ସାହୁ, ଅମର ଆଇଚ, ରାଜେନ୍ଦ୍ର ଦଳାଇ, ପ୍ରତାପ ସାହୁ, ଶ୍ରୀରାମ କବି, ସତ୍ୟବ୍ରତ ସାହୁ, ବୈଳାସ ବେହେରା, ସୌମ୍ୟରଞ୍ଜନ ପରିଡ଼ା, ସନ୍ତୋଷ ଜେନା, ଦୀପକ ନାୟକ, ନାରାୟଣ ଦଳାଇ, ଜ୍ୟୋତିପ୍ରକାଶ ମଲ୍ଲିକ ଓ ପ୍ରଭାକର ପଣ୍ଡା ପ୍ରମୁଖ ଜଣାଇଛନ୍ତି ।



ଗଣେଶପୂଜା ପାଇଁ ତୋରଣ ନିର୍ମାଣ କରାଯାଉଛି ।

# ଟ୍ରକ୍ ପଛରେ ପିଟିହେଲା ଟ୍ରକ୍

**ପାଣିକୋଇଲି,୧୦।୯(ବିକାଶ ମଲ୍ଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ରାଜାରାଣୀ ହେଟେଲ ସମ୍ମୁଖରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛରେ ଅନ୍ୟଏକ ଟ୍ରକ ଧକ୍କା ହୋଇଛି । ଏଥିଯୋଗୁ ଟ୍ରକ୍ ଦୁଇଟିର କ୍ଷତି ଘଟିଛି । ହେଲେ କାହାର ଜୀବନ ହାନି ହୋଇନାହିଁ । ରବିବାର ଭୋର ସମୟରେ ଟ୍ରକ (ଓଆର୍-୦୪-ଏମ୍-୮୩୬୬) ଉକ୍ତ ସର୍ଭିସ ରୋଡ୍‌ରେ ଛିଡ଼ା ହୋଇଥିଲା । ଏହି ସମୟରେ ପଛପଟୁ ଅନ୍ୟ ଏକ ଟ୍ରକ (ଓଡି-୦୯-ଟି-୯୪୪୩) ଆସି ଉକ୍ତ ଟ୍ରକ ପଛରେ ପିଟି ହୋଇଥିଲା । ପାଣିକୋଇଲି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ।




ଦୁର୍ଘଟଣାଗ୍ରସ୍ତ ଦୁଇ ଟ୍ରକ୍ ।

# ସ୍କୁଲ ରୂପାନ୍ତରଣ ଯୋଜନାର ପାଚେରି ଭାଙ୍ଗିଲା

**ରଗଡ଼ି,୧୦।୯(ଯତିଶ ମଲ୍ଲିକ)** ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫-ଟି ମାଧ୍ୟମରେ ରୂପାନ୍ତରୀକରଣ କରାଯାଇଥିଲା । କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ବିଦ୍ୟାଳୟ ପାଚେରୀ ଦୁଇ ଥର ଭାଙ୍ଗିଲାଣି । ରାଜ୍ୟ ସରକାର ବିପୁଳ ଟଙ୍କା ଖର୍ଚ୍ଚ କରି ବିଦ୍ୟାଳୟଗୁଡ଼ିକର ପୁନରୁଦ୍ଧାର କରୁଥିବାବେଳେ ଛାତ୍ରୀଛାତ୍ରମାନେ କିପରି ନିଜକୁ ସୁସ୍ଥ ଉନ୍ନତମାନର ପରିବେଶରେ ଶିକ୍ଷା ଲାଭ କରିବେ ତାହା ଏଠାରେ ପରାହତ ହୋଇଛି । ପୁରୁଣା ପାଚେରୀରେ ରଙ୍ଗ ଘଷି କାର୍ଯ୍ୟ ସମ୍ପାଦନ ପରେ ଅଦିନିଆ ବର୍ଷାରେ ପାଚେରୀ ଗଳି ପଡ଼ିଥିବା ଘଟଣା ଠିକାସଂସ୍ଥାର କାର୍ଯ୍ୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



ପଛିକୋଟ ସରକାରୀ ଉଚ୍ଚ ବିଦ୍ୟାଳୟର ପାଚେରି ଭୁଶୁଡ଼ି ପଡ଼ିଛି ।

# ଡେରିକି ଶାଖାକୁ ଉପଡାକଘର ମାନ୍ୟତା ଦେବାକୁ ଦାବି

**ନାଉଗାଁ,୧୦।୯(ସୁଧା ବେହୁରା):** ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ଶାଖା ଡାକଘରକୁ ଉପଡାକଘରର ମାନ୍ୟତା ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏନେଇ ଏକ ଦାବିପତ୍ର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଉଥ ଜୋନ କଟକର ଡାକ ଅଧିକ୍ଷକ ଓ ପୋଷ୍ଟମାଷ୍ଟର ଜେନେରାଲ ଭୁବନେଶ୍ୱରଙ୍କୁ ଲିଖିତଭାବେ ପ୍ରଦାନ କରିଛନ୍ତି । ସେମାନଙ୍କ ଦାବି ମୁତାବକ, ୧୬ ପଞ୍ଚାୟତକୁ ନେଇ ନାଉଗାଁ ବ୍ଲକ ଗଠିତ । ବ୍ଲକରେ ନାଉଗାଁ, ଅଲଣାହାଟ,ଦେବୀଦୋଳରେ ୩ଟି ଉପ ଡାକଘର ରହିଛି । ସେଥିରୁ ନାଉଗାଁ ଉପଡାକଘର ଅଧିନରେ ୧୦ଟି ଶାଖା ଡାକଘର ରହିଛି । ତେବେ ତିରୁଣା, ଡେରିକି, କୋରୁଅ, ଶିଖର, ଓଷକଣା, ବାଂଶ, ଜାମୁଗାଁ ଆଦି ପଞ୍ଚାୟତରେ ଥିବା ଶାଖା ଡାକ ଘରଗୁଡ଼ିକରେ ଡାକ ସୁବିଧା ଠିକ୍ ଭାବେ ଉପଲବ୍ଧ ହୋଇପାରୁନାହିଁ । ଏସବୁ ପଞ୍ଚାୟତର ଲୋକେ ଡାକ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ନାଉଗାଁ ଉପଡାକଘର ଉପରେ ନିର୍ଭରଶୀଳ । ଅପରପକ୍ଷେ ନାଉଗାଁ ଉପ-ଡାକଘରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଉପ ଡାକଘରଠାରୁ ପଞ୍ଚାୟତଗୁଡ଼ିକ ୭ରୁ ୧୦ କିଲୋମିଟର ଦୂରରେ ଥିବାରୁ ବୃଦ୍ଧାବୃଦ୍ଧମାନେ କୋଣସି କାର୍ଯ୍ୟରେ ସେଠାକତ ଯିବାରେ ଅସମର୍ଥ ହେଉଛନ୍ତି । ସମସ୍ୟା ହେଉଛି । ଏହାକୁ ଦୃଷ୍ଟିରେ ରଖି ଡେରିକି ଶାଖା ଡାକଘରକୁ ଉପ-ଡାକଘରର ମାନ୍ୟତା ଦେବାକୁ ଓଷକଣା ସରପଞ୍ଚ ନାରାୟଣ ସ୍ୱାଇଁ, କୋରୁଅ ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ସାମାଜିକ କର୍ମୀ ନିରଞ୍ଜନ ସାହୁ ଓ ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି ।

# ମାସେ ହେଲା ଗାନ୍ଧୀ ମାର୍ଗ ଅନ୍ଧାର

## ଦେୟ ପୈଠ ନ ହେବାରୁ ବିଦ୍ୟୁତ୍ କାଟ୍

**ବରୀ,୧୦।୯(ମହେନ୍ଦ୍ର ସ୍ୱାଇଁ):** ବିଧାୟିକାଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ବରୀ ବ୍ଲକ୍ ଅଧୀନ ଅରଙ୍ଗାବାଦ ପଞ୍ଚାୟତର ଚତରଠାରୁ ଅଲିପୁର ପଞ୍ଚାୟତର ବଡ଼ଚନ୍ଦ୍ରଶେଖରପୁର ଓ ବାଲିବିଲ ପଞ୍ଚାୟତର ସାଇମନ୍ଦିର ଗାନ୍ଧୀ ଛକ ପର୍ଯ୍ୟନ୍ତ ହୋଇଥିବା ରାସ୍ତା ଆଲୋକୀରଣ ବ୍ୟବସ୍ଥା ଫେଲ୍‌ମାରିଛି । ବାଲିବିଲ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ୩ ଲକ୍ଷ ୪୧ ହଜାର ୩୮୪ ଟଙ୍କା ବକେୟା ବିଦ୍ୟୁଦ୍ ବିଲ୍ ପୈଠ କରାଯାଉ ନ ଥିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି । ଫଳରେ ଏକ ମାସ ଧରି ଗାନ୍ଧୀ ମାର୍ଗ ନାମରେ ନାମିତ ଏହି ରାସ୍ତା ଅନ୍ଧାର ହୋଇଛି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ତୁରନ୍ତ ଦେୟ ପୈଠ କରି ସେବା ଯୋଗାଇବାକୁ ଦାବି ହୋଇଛି ।

ଏଠାରେ ୫୭ ଖମ୍ବରେ ରାସ୍ତା ଆଲୋକୀରଣ ପାଇଁ ଲାଇଟ୍ ଲଗାଯାଇଥିଲା । ପଞ୍ଚାୟତ ପକ୍ଷରୁ ବିଦ୍ୟୁତ୍ ବିଲ୍ ପୈଠ ପାଇଁ ବ୍ୟବସ୍ଥା କରାଯାଇଥିଲା । ହେଲେ ବିଲ୍ ପୈଠରେ ବିଳମ୍ବ ଯୋଗୁ ବରୀ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ୧୫ ଦିନ ମଧ୍ୟରେ ବକେୟା ଅର୍ଥ ପୈଠ କରିବାକୁ ପଞ୍ଚାୟତ କାର୍ଯ୍ୟାଳୟକୁ ନୋଟିସ କରିଥିଲେ । ଏଥିରେ ବିଳମ୍ବ ହେଲେ ବିଦ୍ୟୁତ୍ ଯୋଗାଣ ବନ୍ଦ ରଖିବାକୁ ନୋଟିସରେ ଉଲ୍ଲେଖ କରିଥିଲେ । ମାତ୍ର ପଞ୍ଚାୟତ ପକ୍ଷରୁ ବିଲ୍ ପୈଠ କରା ଯାଉନାହିଁ । ଏବେ ରାସ୍ତା ଅନ୍ଧାର ହୋଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି । ରାସ୍ତା କଡ଼ରେ ମଦଦୋକାନ ରହିଥିବାରୁ ମଦ୍ୟପମାନେ ବିଭିନ୍ନ ସମୟରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ସରପଞ୍ଚ ବିଲ୍ ପୈଠ ନ କରିବା ଯୋଗୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଛି । ଏଥିରେ ହସ୍ତକ୍ଷେପ କରିବାକୁ ମୁଁ ଜିଲାପାଳଙ୍କୁ ଲିଖିତଭାବେ ଜଣାଇବି । ବରୀ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଭାବନୀ ଶଙ୍କର ରାୟ କହିଛନ୍ତି, ବିଲ୍ ପୈଠ ଲାଗି ବାଲିବିଲ ପଞ୍ଚାୟତ କାର୍ଯ୍ୟାଳୟକୁ ବାରମ୍ବାର ପତ୍ର ଲେଖାଯାଇଛି । ହେଲେ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିଲ୍ ପୈଠ କରାଯାଉନାହିଁ । ତେଣୁ ଆମେ ବାଧ ହୋଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଛୁ । ବାଲିବିଲ ସରପଞ୍ଚ ମଧୁସ୍ମିତା ସାମଲ କହିଛନ୍ତି, ବାଲିବିଲ ପଞ୍ଚାୟତ ଉନ୍ନୟନ ପାଣ୍ଠିରେ ବିଦ୍ୟୁତ୍ ବିଲ ପୈଠ ପାଇଁ ଆବଶ୍ୟକ ଅନୁଦାନ ନାହିଁ । ଏହି ଆଲୋକୀକରଣ ବ୍ୟବସ୍ଥାରେ ଅରଙ୍ଗାବାଦ, ଅଲିପୁର ଓ ବାଲିବିଲ ପଞ୍ଚାୟତର ଜନସାଧାରଣ ଉପକୃତ ହେଉଛନ୍ତି । ତେଣୁ ବିଲ୍‌କୁ ୩ ପଞ୍ଚାୟତ ପକ୍ଷରୁ ପୈଠ କରିବା ପାଇଁ ବିଡିଓ ଏବଂ ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛି । ସେମାନେ ଯାହା ପଦକ୍ଷେପ ନେବେ ।

# ସମିତିସଭ୍ୟ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

**ବଡ଼ଚଣା,୧୦।୯(ଦିଲୀପ ମହାନ୍ତି):** ବଡ଼ଚଣା ବ୍ଲକ ସମିତିସଭ୍ୟ ସଂଘ ପକ୍ଷରୁ ବଡ଼ଚଣା ଡାକବଙ୍ଗଳାଠାରେ ଦ୍ୱିତୀୟ ବୈଠକ ସଭାପତି ମଧୁସୁଦନ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ସଂଘ ଗଠନକୁ ସ୍ୱାଗତ କରିବା ସହ ଉପସ୍ଥିତ ସଭ୍ୟାସଭ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ । ପରେ ମୁଖ୍ୟଅତିଥିଙ୍କୁ ସଂଘ ପକ୍ଷରୁ ୧୨ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । ସଭାପତି ବଳ, ସମ୍ପାଦକ ବିଚିତ୍ରାନନ୍ଦ ଜେନା, ପଞ୍ଚାୟତ ସମିତି ଅଧକ୍ଷା ମିନିତି ସେନାପତି, ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସଭ୍ୟ ସୌମ୍ୟରଂଜନ ବିଶ୍ୱାଳ, ମିନକେତନ ସେଠୀ, ବିଳାସିନୀ ଖୁଣ୍ଟିଆ, ରଶ୍ମିତା ସ୍ୱାଇଁ, ଗଗନ ଦାସ, ଧର୍ମଜିତ ବଳ ଓ ଚନ୍ଦ୍ରକଳା ସାମଲ ପ୍ରମୁଖ ୨୫ ସଭ୍ୟାସଭ୍ୟ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ସେମାନଙ୍କ ମୌଳିକ ସମସ୍ୟା, ସଭାଗୃହ, ମାସିକ ଭତ୍ତା ବୃଦ୍ଧି, ସମିତି ବୈଠକରେ ଯୋଗଦେବାକୁ ଅନୁମତି ଓ ବାର୍ଷିକ ହାତପାଣ୍ଠି ବୃଦ୍ଧି ଆଦି ବିଷୟରେ ଉଲ୍ଲେଖ କରାଯାଇଛି । ବିଧାୟକ ଆଗାମୀ ବିଧାନସଭାରେ ଉକ୍ତ ଦାବି ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବୈଠକରେ ସମିତିସଭ୍ୟ ସଞ୍ଜୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦୀପକ ସାହୁ ମାନପତ୍ର ପାଠ କରିଥିଲେ । ସମିତିସଭ୍ୟା ରଶ୍ମିରେଖା ନାୟକ ଧନ୍ୟବାଦ ଦେଇଥିଲେ ।




ସମିତି ସଭ୍ୟ ସଂଘ ବୈଠକରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା ।

# ଚାଲାଣ ବେଳେ ୪ ଗୋରୁ ଉଦ୍ଧାର

**ନୀଳଗିରି,୧୦।୯(ପ୍ରଶାନ୍ତ ବିଶ୍ୱାଳ)** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଶିଆଡ଼ିମାଳଠାରେ ଚାଲାଣ ବେଳେ ୪ ଗୋରୁ ଉଦ୍ଧାର ହୋଇଛି । ରବିବାର ସକାଳେ ଏକ ଚାରି ଚକିଆ ଟେମ୍ପୋରେ ଗୋରୁ ବୋଝେଇ ହୋଇ ଆସୁଥିବା ବେଳେ ଶିଆଡ଼ିମାଳ ଅଞ୍ଚଳରେ କିଛି ଯୁବକ ଉକ୍ତ ଗାଡ଼ିକୁ ଅଟକାଇ ନୀଳଗିରି ଥାନାକୁ ଖବର ଦେଇଥିଲେ । ଗାଡ଼ିରେ ଥିବା ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ପୋଲିସ ଅଟକ ରଖିବା ସହ ତଦନ୍ତ ଜାରି ରଖିଛି ।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ରୂପସା,୧୦।୯(ବାଞ୍ଛାନିଧି ଦେ)** ବାଲେଶ୍ୱର ଜିଲା ବସ୍ତା ଥାନା ଅମର୍ଦ୍ଦା ଫାଣ୍ଡି ଅନ୍ତର୍ଗତ ପାଣିନଗର ଗ୍ରାମରେ ରବିବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଉକ୍ତ ଗ୍ରାମର ଗୋବିନ୍ଦ ଜେନାଙ୍କ ସ୍ତ୍ରୀ ପୁଷ୍ପଲତା (୪୮) । ଘରେ ଶୋଇଥିବା ବେଳେ ପୁଷ୍ପଲତାଙ୍କୁ ଏକ ବିଷଧର ସାପ କାମୁଡ଼ିଥିଲା । ପରିବାର ଲୋକେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ହେଲେ ସେଠାରେ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ । ଥାନାରେ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା (ନଂ. ୪୫/୨୩) ରୁଜୁ ହୋଇ ତଦନ୍ତ ଜାରି ରହିଛି । ଫାଣ୍ଡି ଅଧିକାରୀ ସନ୍ଦୀପ କୁମାର କୁଜୁର୍ ମୃତ ଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ।

# ନଦୀରେ ଅଧାମରା ମାଛ ଭାସୁଛନ୍ତି

**ପାରାଦୀପ,୧୦।୯(ଶରତ ରାଉତ)** ପାରାଦୀପ ଷଣ୍ଢକୁଦ ଉପାନ୍ତ କଂସାରୀପାଟିଆ ନଦୀରୁ ୨ଦିନ ହେଲା ଲୋକମାନେ ଅଧିକ ମାତ୍ରାରେ ମାଛ ଧରୁଛନ୍ତି । କାରଣ ନଦୀରେ ଅଧାମରା ଅବସ୍ଥାରେ ମାଛ ଭାସୁଛନ୍ତି ବୋଲି ଲୋକମାନେ କହିଛନ୍ତି । ହଠାତ ଏତେ ମାତ୍ରାରେ ମାଛ ଧରିବା ଘଟଣା ନଦୀରେ ପ୍ରଦୂଷଣ ବୋଲି କୁହାଯାଇଛି । ଘଟଣା ସମ୍ପର୍କରେ ରାଜ୍ୟପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରାଙ୍କୁ ପଚାରିଲେ କୁହନ୍ତି, ଏମିତି ହେବାର ଅନେକ କାରଣ ହୋଇପାରେ । ଅଧିକ ଖରା ଗରମ ଓ ହଠାତ ବର୍ଷା ହେବା ପରେ ପାଣିରେ ଅମ୍ଳଜାନ ହ୍ରାସ ପାଇଥାଏ । ତଥାପି ଆମେ ଆମର ବୈଷୟିକ ଟିମ୍ ପଠାଇ ଅନୁଧ୍ୟାନ କରୁଛୁ ବୋଲି କହିଛନ୍ତି ।



# ଯାଜପୁରର ଐତିହାସିକ ପରିଚୟ ରହିଛି

## ମା’ବିରଜାଙ୍କ ମାହାତ୍ମ୍ୟ ସମ୍ପର୍କିତ ଆଲୋଚନାଚକ୍ର

**ରସୁଲପୁର,୧୦।୯(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମା’ବିରଜାଙ୍କ ମାହାତ୍ମ୍ୟ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିରଜା ବିଶ୍ୱଜ୍ୟୋତି ସେବା ସମିତି ଜିଲାଶାଖା ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଯୁବ ସଂଗଠକ ପ୍ରଶାନ୍ତ ନାୟକ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥିଭାବେ ଅଧ୍ୟାପକ ନିତ୍ୟାନନ୍ଦ ଦେଓ, ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ସାହୁ, ଅଧ୍ୟାପକ ସରୋଜ କୁମାର ପ୍ରଧାନ, ଭକ୍ତ ବିନୋଦ ବିହାରୀ ରାଉତ, ବାଇଧର ରାଉତ, ହୃଷି ସାମଲ, ପ୍ରାଣକୃଷ୍ଣ ବାରିକ, ଜୟନ୍ତ ଗୁରୁ, ଅନନ୍ତ ସାହୁ, ଯୁଧିଷ୍ଠିର ସାମଲ, ମନମୋହନ ପ୍ରାନ, ଅଶୋକ ନାୟକ, ଅରୁଣ ସ୍ୱାଇଁ, ପ୍ରଦୀପ କୁମାର ରାଉତ, ସୁଶାନ୍ତ ପ୍ରଧାନ, ପହଲି ଦାସ, ଗୋପୀନାଥ ରାଉତ, ବୈରାଗୀ ସ୍ୱାଇଁ, ତରୁଣ ବେହେରା, କାହ୍ନୁ ନାୟକ ଓ ଶୁଭେନ୍ଦୁ ସାମଲ ପ୍ରମୁଖ ଯୋଗଦେଇ ମା’ଙ୍କ ମହିମା ସମ୍ପର୍କରେ ଆଲୋଚନା କରିଥିଲେ । ମା’ଙ୍କ ପାଇଁ ସମଗ୍ର ଦେଶରେ ଯାଜପୁର ମାଟିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି । ପୁରାଣ ବର୍ଣ୍ଣନା ଅନୁସାରେ ମୁନିଋଷିମାନେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ବିରଜାଙ୍କ ପୂଜା ଅର୍ଚ୍ଚନା କରିବା ସହ ବୈତରଣୀ ନଦୀତଟରେ ଯଜ୍ଞ କରୁଥିଲେ । ପୁରୁଷାନୁକ୍ରମେ ଏଠାରେ ବିଶ୍ୱ କଲ୍ୟାଣ ନିମନ୍ତେ ନାନା ଯଜ୍ଞ ଆୟୋଜନ କରାଯାଉଥିଲା । ସେତେବେଳେ ଏହି ମାଟିକୁ ଯଜ୍ଞପୁର ବୋଲି ଅଭିହିତ କରାଯାଉଥିଲା । ପରେ ଯଜ୍ଞପୁରରୁ ଜିଲାର ନାମ ଯାଜପୁର ହୋଇଛି । ମା’ଙ୍କ କୃପାରୁ ଯାଜପୁରର ଐତିହାସିକ ପରିଚୟ ସୃଷ୍ଟି ହୋଇପାରିଛି । ମା’ଙ୍କ ଦର୍ଶନ ପାଇଁ ଦେଶବିଦେଶରୁ ଶ୍ରଦ୍ଧାଳୁ ଆସୁଛନ୍ତି ବୋଲି ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ କହିଥିଲେ । ପରେ ସମିତି ପକ୍ଷରୁ ଆଗାମୀ ମାସଗୁଡ଼ିକରେ ମା’ଙ୍କ ପ୍ରାର୍ଥନା ସଭା ଓ ଆଲୋଚନାଚକ୍ର ଆୟୋଜନକୁ ନେଇ କାର୍ଯ୍ୟସୂଚୀ ସମ୍ପର୍କରେ ଖସଡା ପ୍ରସ୍ତୁତ କରାଯାଇଥିଲା । ସମିତି ପକ୍ଷରୁ ବହୁ ସଦସ୍ୟ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ । ପ୍ରଶାନ୍ତ ନାୟକ ଧନ୍ୟବାଦ ଦେଇଥିଲେ ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

# ଯୁବୋଦ୍ୟୋଗୀଙ୍କ ପାଇଁ ପ୍ରେରଣା

## ବୁଢ଼ୀ ଜାଗୁଳାଇ ମାଛ ଯାଆଁଳ କେନ୍ଦ୍ର

**ଡେରାବିଶ,୧୦।୯(ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଭଗବାନପୁର ଗ୍ରାମସ୍ଥିତ ମା' ବୁଢ଼ୀ ଜାଗୁଳାଇ ମାଛ ଯାଆଁଳ ପ୍ରଜନନ କେନ୍ଦ୍ର ଯୁବଦ୍ୟୋଗୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି । ଏଠାରେ ଦୈନିକ ୩ରୁ ୪ କୁଇଣ୍ଟାଲ ଯାଆଁଳ ଉତ୍ପାଦନ କରାଯାଇ ଜିଲା ଓ ବାହର ଜିଲାକୁ ପଠାଯାଉଛି । ଏଥିପାଇଁ ଅବିଭକ୍ତ କଟକ ଜିଲା ସମେତ ପୁରୀ, ଢେଙ୍କାନାଳ, ଭଦ୍ରକ ଓ ବାଲେଶ୍ୱର ଆଦି ଜିଲାର ମତ୍ସ୍ୟଚାଷୀଙ୍କ ପାଇଁ ଏହି ସରକାରୀ ମାନ୍ୟତାପ୍ରାପ୍ତ ହାଚେରୀ ଯୁବବର୍ଗଙ୍କ ଆଖି ଖୋଲି ଦେଇଛି।

୫ ଏକର ପରିମିତ ଜମିରେ ପୋଖରୀ ଖୋଳା ଯାଇଛି । ସେଥିରେ ଆନୁବଂଶିକ ବିକଶିତ ଭାକୁର, ରୋହି, କ୍ରାର୍ଫ, ଗ୍ରାସ କ୍ରାର୍ଫ, ସିଲଭର କ୍ରାର୍ଫ ଓ ମିଠାପାଣି ଇଲିସି ଆଦି ମାଛ ଯାଆଁଳ ସୃଷ୍ଟି କରାଯାଉଛି । ଏହି କେନ୍ଦ୍ରର ଉପଦେଷ୍ଟା କମଳାକାନ୍ତ ସ୍ୱାଇଁ କୁହନ୍ତି, ଭାରତ ସରକାରଙ୍କ ଜାତୀୟ ମତ୍ସ୍ୟ ବିକାଶ ବୋର୍ଡର ଆର୍ଥିକ ଅନୁଦାନରେ ଏହି ହାଚେରୀ ଆରମ୍ଭ କରାଯାଇଛି । ପୂର୍ବରୁ ଯାଆଁଳ ପାଇଁ ରାଜ୍ୟର ନିର୍ଦ୍ଦିଷ୍ଟ କେତୋଟି ହାଚେରୀ ଉପରେ ନିର୍ଭର କରାଯାଉଥିଲା । ଏପରି କି ଚାଷୀମାନେ ଉନ୍ନତମାନର ଯାଆଁଳ ପାଇଁ ପଡ଼ୋଶୀ ଆନ୍ଧ୍ର ରାଜ୍ୟ ଉପରେ ନିର୍ଭର କରୁଥିଲେ। ତେବେ ବୈଷୟିକ ଜ୍ଞାନକୌଶଳ ଓ ମାଛ ଉତ୍ପାଦନର ବିଶେଷ ତାଲିମ ପରେ ଏଠାରେ ଉପଯୋଗ କରାଯାଇଛି। ଏଥିରେ ଅତ୍ୟାଧୁନିକ ସୂଚନା ପ୍ରଯୁକ୍ତି କୌଶଳ ବିନିଯୋଗ କରାଯାଇ ଆକ୍ୱାଆ ସେଣ୍ଟରକୁ ପରିଚାଳନା କରାଯାଉଛି । ସେହିପରି ମାଛ ଉତ୍ପାଦନର କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଚାଷୀଙ୍କୁ ନିଶୁଳ୍କ ଶିକ୍ଷା ପ୍ରଦାନ କରାଯାଉଛି । ବିନା ମୂଲ୍ୟରେ ପରୀକ୍ଷା ନିରୀକ୍ଷାର ସୁବିଧା ସହ ମାଛ ଚାଷରେ ଆବଶ୍ୟକ ହେଉଥିବା ଉନ୍ନତ ମାନର ଲାବରଟୋରୀ ଏହି କେନ୍ଦ୍ରରେ ଉପଲବ୍ଧ ରହିଥିବା କମଳାକାନ୍ତ ସୂଚନା ଦେଇଛନ୍ତି । ଏଥିସହ ସେ ସୂଚନା ଦେଇଛନ୍ତି, ମାଛ ଚାଷରେ ଆବଶ୍ୟକ ହେଉଥିବା ବିଭିନ୍ନ ପ୍ରକାର ଭିଟାମିନ, ମିନେରାଲ, ଜିଓଲାଇଟ, ପ୍ରୋବାୟୋଟିକସ ଇତ୍ୟାଦି ସର୍ବନିମ୍ନ ୪୦ ପ୍ରତିଶତ ରିହାତି ମୂଲ୍ୟରେ ଏଠାରେ ଉପଲବ୍ଧ ହୋଇଥାଏ। ମୁଖ୍ୟପରିଚାଳିକା ଲାଲିମା ପ୍ରିୟଦର୍ଶନୀ କହିଛନ୍ତି, ମତ୍ସ୍ୟଚାଷୀଙ୍କୁ ବିଭିନ୍ନ ସମୟରେ ମାଛ ଚାଷର ତାଲିମ ପ୍ରଦାନ କରାଯାଉଥିବାରୁ ଏଠାରେ ମାଛ ଉଦ୍ୟୋଗ ବୃଦ୍ଧିର ସୁଯୋଗ ଆସିଛି । କେନ୍ଦ୍ରାପଡ଼ା ଜିଲାର ଭିତ୍ତିଭୂମି କୃଷି ଅର୍ଥନୀତିଭିତ୍ତିକ। ତେବେ କ୍ଷେତରୁ ଜଳ ନିଷ୍କାସନ ଏକ ସମସ୍ୟା ହୋଇଛି । ଦୀର୍ଘଦିନ ଧରି ଜଳ ନିଷ୍କାସିତ ହୋଇ ପାରୁ ନ ଥିବା ଗହୀର, ପାଟ ଅଞ୍ଚଳରେ ପୋଖରୀ ଖୋଳି ଏହି ସମସ୍ୟାରୁ ସମାଧାନ ପାଇପାରିବା । ରାଜ୍ୟ ଓ କେନ୍ଦ୍ର ସରକାର ପକ୍ଷରୁ ମାଛ ଚାଷରେ ସ୍ୱାବଲମ୍ବୀ ହେବା ପାଇଁ ମୋ ପୋଖରୀ ସହିତ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପ୍ରଣୟନ କରାଯାଇଛି। ପୋଖରୀରୁ ଉଦ୍ଭୁତ ମାଟି ଉଦ୍ୟାନ କୃଷି ପାଇଁ ବ୍ୟବହାର ହୋଇପାରି। ସେହିପରି ପୋଖରୀ ଉପରେ କୁକୁଡ଼ା ଚାଷ ଦ୍ୱାରା ମାଛକୁ ଖାଦ୍ୟ ମିଳିପାରିବ । ସମନ୍ୱିତ କୃଷି ପାଇଁ ଏହି ଯାଆଁଳ ପ୍ରଜନନ କେନ୍ଦ୍ର ସର୍ବଦା ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରି ଆସିଛି । ଏହି କେନ୍ଦ୍ରର ପରିଚାଳିକା ଝିନା ପରିଡ଼ା କହିଛନ୍ତି, ମାଛ ଚାଷ ପାଇଁ ଯୁବ ଉଦ୍ୟୋଗୀଙ୍କ ମଧ୍ୟରେ ସଚେତନତାର ଯଥେଷ୍ଟ ଆବଶ୍ୟକତା ରହିଛି । ଏନେଇ ସାମାନ୍ୟ ତାଲିମର ଆବଶ୍ୟକତା ଅଛି। ତେବେ ଏହି ଯାଆଁଳ କେନ୍ଦ୍ର ପ୍ରତିଷ୍ଠା ପରେ ଜିଲା ଓ ବାହାର ଜିଲାରେ ଥିବା ଯାଆଁଳ ଅଭାବ ସମ୍ୟକ ଭାବେ ଦୂର ହୋଇଛି । ଏହି କେନ୍ଦ୍ରରେ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ନିୟୋଜିତ ହୋଇ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ନିଜର ରୋଜଗାରରେ ପରିବାର ପ୍ରତିପୋଷଣ କରୁଛନ୍ତି । ସମଗ୍ର ଜିଲାରେ ମାଛ ଚାଷ ପାଇଁ ଗୌରବ ଆଣିବା ସହ ଯୁବ ଉଦ୍ୟୋଗୀଙ୍କ ପ୍ରୋତ୍ସାହନ ଯୋଗାଉଥିବା ଏହି କେନ୍ଦ୍ରକୁ ସରକାରୀସ୍ତରରେ ଅଧିକ ପ୍ରୋତ୍ସାହନ ମିଳିଲେ ଏହାର କଳେବର ବୃଦ୍ଧି ପାଆନ୍ତା ବୋଲି ପରିଚାଳିକା ଝିନା କହିଛନ୍ତି ।


ମାଛ ଯାଆଁଳ ସଂଗ୍ରହ କରାଯାଉଛି।


ଯାଆଁଳ ନେବାକୁ ଆସିଥିବା ମତ୍ସ୍ୟଜୀବୀ।

# କଂସାରୀପାଟିଆ ନଦୀରେ ଅଧାମରା ମାଛ ଭାସୁଛନ୍ତି

**ପାରାଦୀପ,୧୦।୯(ଶରତ ରାଉତ)**



ପାରାଦୀପ ଷଣ୍ଢକୁଦ ଉପାନ୍ତ କଂସାରୀପାଟିଆ ନଦୀରୁ ୨ଦିନ ହେଲା ଲୋକମାନେ ଅଧିକ ମାତ୍ରାରେ ମାଛ ଧରୁଛନ୍ତି। କାରଣ ନଦୀରେ ଅଧାମରା ଅବସ୍ଥାରେ ମାଛ ଭାସୁଛନ୍ତି ବୋଲି ଲୋକମାନେ କହିଛନ୍ତି। ହଠାତ ଏତେ ମାତ୍ରାରେ ମାଛ ଧରିବା ଘଟଣା ନଦୀରେ ପ୍ରଦୂଷଣ ବୋଲି କୁହାଯାଉଛି। ଘଟଣା ସମ୍ପର୍କରେ ରାଜ୍ୟପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରାଙ୍କୁ ପଚାରିଲେ କୁହନ୍ତି, ଏମିତି ହେବାର ଅନେକ କାରଣ ହୋଇପାରେ। ଅଧିକ ଖରା ଗରମ ଓ ହଠାତ ବର୍ଷା ହେବା ପରେ ପାଣିରେ ଅମ୍ଳଜାନ ହ୍ରାସ ପାଇଥାଏ। ତଥାପି ଆମେ ବୈଷୟିକ ଟିମ୍ ପଠାଇ ଅନୁଧାନ କରୁଛୁ ବୋଲି କହିଛନ୍ତି।

# ସ୍କୁଲକୁ ଯାଇ ଫେରିଲେ ନାହିଁ ପୁଅ

**ଡେରାବିଶ,୧୦।୯(ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡିର ହରିଅଙ୍କ ପଞ୍ଚାୟତ ଦକ୍ଷିଣଖଣ୍ଡ ଭୋଳ ଗ୍ରାମର ବାଇନ ମଳିକଙ୍କ ପୁଅ ସୋନୁ (୧୪) ସ୍କୁଲକୁ ଯାଇ ଆଉ ଘରକୁ ଫେରି ନ ଥିବା ସଦରଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ ସୋନୁ ହରିଅଙ୍କ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀର ଛାତ୍ର। ସେ ସବୁଦିନ ପରି ଗତ ୮ ତାରିଖ ଦିନ ଘରୁ ସକାଳ ୯.୩୦ରେ ସ୍କୁଲକୁ ଯାଇଥିଲେ । ସେଠାରେ ସେ ମଧ୍ୟାହ୍ନ ଭୋଜନ ଖାଇଥିଲେ। ହେଲେ ସେଦିନ ଅପରାହ୍ନରେ ଆଉ ଘରକୁ ଫେରି ନ ଥିଲେ। ଘରକୁ ଫେରିବା ବିଳମ୍ବ ହେବା ଦେଖି ଖୋଜାଖୋଜି କରିବାରୁ ତାଙ୍କ କୌଣସି ସନ୍ଧାନ ମିଳି ନ ଥିଲା । ପରଦିନ ପୁଅର ନିଖୋଜ ସମ୍ପର୍କରେ ବାଇନ ସଦର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସଦର ଥାନାରେ ଏକ ମାମଲା(ନଂ. ୬୫୫/୨୩) ରୁଜୁ ହୋଇଛି। ପୋଲିସ କହିଛି ତାଙ୍କର ଅନ୍ୟ ଜଣେ ସାଙ୍ଗ ମଧ୍ୟ ନିଖୋଜ ହୋଇଥିବା କୁଦାନଗରୀ ଥାନାରେ ଅଭିଯୋଗ ହୋଇଛି।

## ସଂକ୍ଷେପରେ

### କଲେଜରେ ମହିଳା କର୍ମଚାରୀଙ୍କୁ ଅଶାଳୀନ ବ୍ୟବହାର : ଥାନାରେ ଅଭିଯୋଗ

**ନାଉଗାଁ,୧୦।୯(ସୁଧା ବେହୁରା):** ନାଉଗାଁ ଥାନା ଅନ୍ତର୍ଗତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ମହିଳା କର୍ମଚାରୀଙ୍କୁ ବିଦ୍ୟାଳୟର କର୍ମଚାରୀ ଓ ଶିକ୍ଷକ ଅଶାଳୀନ ବ୍ୟବହାର କରୁଥିବା ନେଇ ଶନିବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳାଙ୍କ ଅଭିଯୋଗ ମୁତାବକ, ସେ ୧୩ ବର୍ଷ ହେବ ଉକ୍ତ ଶିକ୍ଷାନୁଷ୍ଠାନରେ ଲାଇବ୍ରେରି ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରିଆସୁଛନ୍ତି। ତେବେ କାର୍ଯ୍ୟ କରିବା ସମୟରେ ଜଣେ କର୍ମଚାରୀ ଓ ୨ ଜଣ ଶିକ୍ଷକ ତାଙ୍କୁ ହଇରାଣ କରିବା ସହ ଅଶାଳୀନ ବ୍ୟବହାର କରୁଛନ୍ତି। ଏସଂକ୍ରାନ୍ତରେ ସେ ପ୍ରତିବାଦ କଲେ ତାଙ୍କୁ ଉପସ୍ଥାନ ଖାତାରେ ଦସ୍ତଖତ କରିବା ପାଇଁ ବାଧା ଦିଆଯାଏ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରିବା ପାଇଁ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୨୨୩/୨୩) ରୁଜୁ କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି।

### ଡେରିକି ଶାଖାକୁ ଉପଡାକଘର ମାନ୍ୟତା ଦେବାକୁ ଦାବି

**ନାଉଗାଁ,୧୦।୯(ସୁଧା ବେହୁରା):** ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ଶାଖା ଡାକଘରକୁ ଉପଡାକଘରର ମାନ୍ୟତା ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଏକ ଦାବିପତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଉଥ ଜୋନ କଟକର ଡାକ ଅଧୀକ୍ଷକ ଓ ପୋଷ୍ଟମାଷ୍ଟର ଜେନେରାଲ ଭୁବନେଶ୍ୱରଙ୍କୁ ଲିଖିତଭାବେ ପ୍ରଦାନ କରିଛନ୍ତି। ସେମାନଙ୍କ ଦାବି ମୁତାବକ, ୧୬ ପଞ୍ଚାୟତକୁ ନେଇ ନାଉଗାଁ ବ୍ଲକ ଗଠିତ। ବ୍ଲକରେ ନାଉଗାଁ, ଅଲଣାହାଟ, ଦେବୀଦୋଳରେ ୩ଟି ଉପଡାକଘର ରହିଛି। ସେଥିରୁ ନାଉଗାଁ ଉପଡାକଘର ଅଧିନରେ ୧୦ଟି ଶାଖା ଡାକଘର ରହିଛି। ତେବେ ତିରୁଣା, ଡେରିକି, କୋରୁଅ, ଶିଖର, ଓଷକଣା, ବାଂଶ, ଜାମୁଗାଁ ଆଦି ପଞ୍ଚାୟତରେ ଥିବା ଶାଖା ଡାକଘରଗୁଡ଼ିକରେ ଡାକ ସୁବିଧା ଠିକ୍ ଭାବେ ଉପଲବ୍ଧ ହୋଇପାରୁନାହିଁ। ଏସବୁ ପଞ୍ଚାୟତର ଲୋକେ ଡାକ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ନାଉଗାଁ ଉପଡାକଘର ଉପରେ ନିର୍ଭରଶୀଳ। ଅପରପକ୍ଷେ ନାଉଗାଁ ଉପଡାକଘରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଉପଡାକଘରଠାରୁ ପଞ୍ଚାୟତଗୁଡ଼ିକ ୭ରୁ ୧୦ କିଲୋମିଟର ଦୂରରେ ଥିବାରୁ ବୃଦ୍ଧାବୃଦ୍ଧମାନେ କୌଣସି କାର୍ଯ୍ୟରେ ସେଠାକୁ ଯିବାରେ ଅସମର୍ଥ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଡେରିକି ଶାଖା ଡାକଘରକୁ ଉପ-ଡାକଘରର ମାନ୍ୟତା ଦେବାକୁ ଓଷକଣା ସରପଞ୍ଚ ନାରାୟଣ ସ୍ୱାଇଁ, କୋରୁଅ ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ସାମାଜିକ କର୍ମୀ ନିରଞ୍ଜନ ସାହୁ ଓ ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

# ମାତୃଶକ୍ତି ଚାହିଁଲେ ଗାଁରୁ ଦେଶ ପର୍ଯ୍ୟନ୍ତ ପରିବର୍ତ୍ତନ ହୋଇପାରିବ



କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ମହିଳା ବିଜେଡି ସଭାପତି ସ୍ନେହାଙ୍ଗିନୀ ଛୁରିଆ ଓ ଦଳୀୟ ନେତୃମଣ୍ଡଳୀ।

## ବିଜୁ ମହିଳା ଜନତା ଦଳ ଜିଲା କାର୍ଯ୍ୟକାରିଣୀ ବୈଠକ

**ଜଗତ୍‌ସିଂହପୁର, ୧୦।୯ (ପ୍ରମୋଦ କୁମାର ନାୟକ)**

ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ମିଶନ ଶକ୍ତି ମା'ମାନଙ୍କୁ ପଦାକୁ ବାହାରିବାର ସୁଯୋଗ ଦେଇଛି। ମା'ମାନେ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି। ମାତୃଶକ୍ତି ଚାହିଁଲେ ଗାଁରୁ ଦେଶ ପର୍ଯ୍ୟନ୍ତ ସବୁଠି ପରିବର୍ତ୍ତନ ଆସିପାରିବ । ତେଣୁ ପ୍ରତ୍ୟେକେ ସକ୍ରିୟ ହେବାକୁ ପଡ଼ିବ। ରବିବାର ସ୍ଥାନୀୟ ଏକ ମଣ୍ଡପ ପରିସରରେ ବିଜୁ ମହିଳା ଜନତା ଦଳର ଜିଲା କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ରାଜ୍ୟ ମହିଳା ବିଜେଡି ସଭାପତି ସ୍ନେହାଙ୍ଗିନୀ ଛୁରିଆ ଏହା କହିଛନ୍ତି । ସେ ଏକଥା ମଧ କହିଥିଲେ, ପ୍ରତି ମହିଳା ୧୦ ଜଣ ହିସାବରେ ଜଣଙ୍କୁ ଦଳରେ ଯୋଡିବା ପାଇଁ ଚେଷ୍ଟା କଲେ ଦଳ ଅଧିକ ସୁଦୃଢ଼ ହୋଇପାରିବ। ବୈଠକରେ ଦଳର ଜିଲା ପର୍ଯ୍ୟବେକ୍ଷକ ତଥା ବିଧାୟକ ଅରୁଣ ସାହୁ କହିଥିଲେ, ମହିଳାମାନଙ୍କ ପାଇଁ ସଂସଦରେ ୩୩ ପ୍ରତିଶତ ଆସନ ସଂରକ୍ଷଣ ଲାଗି ପ୍ରସ୍ତାବ ରହିଛି। ଏହା ଅନୁମୋଦିତ ହେଲେ ମହିଳାମାନେ ସଂସଦରେ ସେମାନଙ୍କ ପକ୍ଷ ରଖିପାରିବେ। ମୁଖ୍ୟମନ୍ତ୍ରୀ କିନ୍ତୁ ଆଗରୁ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ୭ଜଣ ଏମ୍‌ପିଙ୍କୁ ସଂସଦ ପଠାଇଥିବା କହିଛନ୍ତି । ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ୫-ଟି ଉପରେ ଗୁରୁତ୍ୱ ଦେଇଥିଲେ। ଟିମ୍ ହୋଇ ସମୟ ଅନୁସାରେ କାମ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ସେ କହିଥିଲେ। ଜିଲା ମହିଳା ବିଜେଡି ସଭାପତି ସବିତା ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜିଲା ପରିଷଦ ସଭାପତି ମନୋଜ ଭୋଇ, ଜିଲା ବିଜେଡି ସଭାପତି ରବୀନ୍ଦ୍ର ଜେନା ଓ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସାଙ୍ଗଠନିକ କାର୍ଯ୍ୟକୁ କିପରି କ୍ରିୟାଶୀଳ କରିବାକୁ ପଡ଼ିବ ସେନେଇ ମତ ରଖିଥିଲେ । ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଲୋକପ୍ରତିନିଧି, ମହିଳା ଯୋଗଦେଇଥିଲେ।

## ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ

**କୁଜଙ୍ଗ,୧୦।୯(ମନୋଜ ପ୍ରଧାନ):** ଏରସମା ବ୍ଲକ ଭାରତୀୟ ଜନତା ପାର୍ଟି ବାଲିତୁଠ ମଣ୍ଡଳ ପକ୍ଷରୁ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ପାଟଣା ଗ୍ରାମସ୍ଥିତ ଶ୍ରୀ କପ୍ତେଶ୍ୱର ମହାଦେବ ମନ୍ଦିର ପରିସରରେ ରବିବାର ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ, ପୂର୍ବତନ ଏମ୍‌ପି ତଥା ଭାଜପା ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ପ୍ରସାଦ ତରାଇ, ବାଲିକୁଦା ଏରସମା ଭାଜପା କୋର କମିଟି ସଦସ୍ୟ ଶଶିକାନ୍ତ ପରିଡା, ଯୁବ ମୋର୍ଚ୍ଚା ଜିଲା ସମ୍ପାଦକ ସୁଶାନ୍ତ ସ୍ୱାଇଁ, ବାଲିତୁଠ ମଣ୍ଡଳ ସଭାପତି ସାରଦା ଶତପଥୀ, ନିତ୍ୟାନନ୍ଦ ସ୍ୱାଇଁ, ରବୀନ୍ଦ୍ର ସେଠୀ, ଉମେଶ ସ୍ୱାଇଁ, ସଂଗ୍ରାମ ବେହେରା,ଅଭୟ ରାଉତ ଓ ନାରୀନେତ୍ରୀ ଅନିତା ସ୍ୱାଇଁଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇଥିଲେ। ଏନେଇ ଆୟୋଜିତ ସଭାରେ ତରାଇ କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶ କ୍ରମେ ଭାଜପା ପକ୍ଷରୁ ରାଜ୍ୟରେ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଲୋକମାନଙ୍କ ମଧ୍ୟରେ ରାଷ୍ଟ୍ରବାଦୀ ଓ ଦେଶାତ୍ମବୋଧକ ଭାବଧାରା ସୃଷ୍ଟି ପାଇଁ ଏହି ପ୍ରୟାସ କରାଯାଇଛି। ଏହି ଅବସରରେ କପ୍ତେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭ କଳସୀ ନେଇ, ନେତୃମଣ୍ଡଳୀ ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମରୁ ମାଟି ସଂଗ୍ରହ କରିଥିଲେ।

# ରଘୁନାଥପୁର ବ୍ଲକ ସରପଞ୍ଚ ସଂଘ ଗଠନ



ବୈଠକରେ ଯୋଗଦେଇଥିବା ସରପଞ୍ଚମାନେ।

**ରଘୁନାଥପୁର,୧୦।୯(ରାଜେନ୍ଦ୍ର ନାରାୟଣ ସିଂହ):** ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ପକ୍ଷରୁ ରବିବାର ସ୍ଥାନୀୟ ମଦନମୋହନ ମଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟିକିଣିଆ ସରପଞ୍ଚ ବିଷ୍ଣୁ ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ସରପଞ୍ଚଙ୍କ ନ୍ୟାର୍ଯ୍ୟ ଅଧିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେମାନଙ୍କ ସୁବିଧା ଅସୁବିଧା ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ସ୍ଥାୟୀ ସଂଘ ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ ,ଉପସଭାପତି ରାଢଙ୍ଗ ସରପଞ୍ଚ ସୁଶୀଳ ବାରିକ, ସମ୍ପାଦକ ସାହେଦା ତବସୁମ, ସହସମ୍ପାଦକ ସୁଷମା ମଲ୍ଲିକ,କୋଷାଧ୍ୟକ୍ଷ ସୁଚିତ୍ର ପଣ୍ଡା,ଉପଦେଷ୍ଟା ବିଷ୍ଣୁ ସେଠୀ, କାଳନ୍ଦୀ ମହାନ୍ତି ଓ ଶିବରାମ ସାହୁ ନିର୍ବାଚିତ ହୋଇଥିଲେ । ଆସନ୍ତା ମଙ୍ଗଳବାର ବିଡିଓଙ୍କ ଜରିଆରେ ସରକାରଙ୍କୁ ଏକ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସରପଞ୍ଚ ବନମାଳୀ ସାହୁ, ମମତା ମଲ୍ଲିକ, ଜୟନ୍ତୀ ଦାସ, ନଳିନୀପ୍ରଭା ମୁଦୁଲି, କିଶୋର ଚନ୍ଦ୍ର ବେହେରା ଓ ମନୋଜିନି ସାହୁଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ।

# ସାର୍ପାଘାତରେ ଚାଷୀ ମୃତ

**ଡେରାବିଶ,୧୦।୯(ବେବର୍ତ୍ତା ଅଜୟ ଦାସ):** ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ନରସିଂହପୁର ଗ୍ରାମର ହରେକୃଷ୍ଣ ଖଟୁଆ(୪୫)ଙ୍କ ରବିବାର ସର୍ପାଘାତରେ ମୃତ୍ୟୁ ଘଟିଛି । ହରେକୃଷ୍ଣ ରବିବାର ଅପରାହ୍ନରେ ନିଜ ବିଲରେ ନଳିତା କାଟୁଥିବା ବେଳେ ଏକ ସାପ ତାଙ୍କ ଡାହାଣ ହାତକୁ କାମୁଡ଼ି ଦେଇଥିଲା। ପରିବାର ଲୋକ ପ୍ରଥମେ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲେ। ସେଠାରେ ପହଞ୍ଚିବା ବେଳକୁ ତାଙ୍କ ଜୀବନ ଚାଲିଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବର୍ଷାକାଳୀନ ନୃତ୍ୟ ସଙ୍ଗୀତ ଆସର


ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ପାରାଦୀପ,୧୦।୯(ଶରତ ରାଉତ)**

ପାରାଦୀପର ସର୍ବ ପୁରାତନ ଅନୁଷ୍ଠାନ ସାଗରିକା କଳା ନିକେତନ ପକ୍ଷରୁ ବର୍ଷାକାଳୀନ ନୃତ୍ୟସଙ୍ଗୀତ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୁରୁ ପ୍ରଫୁଲ୍ଲ କୁମାର ବଳଙ୍କ ନେତୃତ୍ୱରେ ଅନୁଷ୍ଠାନର ଛାତ୍ରୀମାନେ ତବଲା, ବେହେଲା ବିଭାଗରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଏଥିସହ ଶାସ୍ତ୍ରୀୟ ଏବଂ ଲଘୁ ସଙ୍ଗୀତର ଯୁଗଳବନ୍ଦୀ ପ୍ରସ୍ତୁତ କରିଥିଲେ। ନୃତ୍ୟ ବିଭାଗର ଗୁରୁ ବ୍ରଜକିଶୋର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଛାତ୍ର ଅନିଲ ମହାନ୍ତି ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସଙ୍ଗୀତ ବିଭାଗର ଛାତ୍ରୀଛାତ୍ରମାନେ ଗୁରୁ ନିମାଇଁ ହୋତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସମବେତ ଗୁରୁବନ୍ଦନା ସଙ୍ଗୀତ ବର୍ଷାକାଳୀନ ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନେକ ଅଭିଭାବକ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଏନ.କେ. ପଟ୍ଟନାୟକ ଶେଷରେ ଧନ୍ୟବାଦ ଜଣାଇଥିଲେ।

# ସୁଖ, ଶାନ୍ତି ପାଇଁ ମାର୍ଗଦର୍ଶନ କରାଏ ଗୀତା

## ପ୍ରଜ୍ଞାନ ମିଶନ ତରଫରୁ ଗୀତା ଆବୃତ୍ତି ପ୍ରତିଯୋଗିତା

**ଜଗତ୍‌ସିଂହପୁର, ୧୦।୯ (ପ୍ରମୋଦ କୁମାର ନାୟକ)**



ଗୀତା ଆବୃତ୍ତି ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଓ ଅତିଥିମାନେ।

ହିନ୍ଦୁଧର୍ମର ଅମୂଲ୍ୟ ଗ୍ରନ୍ଥ ହେଉଛି ଗୀତା। କଥାରେ ଅଛି ରୁଚୁ ନ ରୁଚୁ ଖାଅ ପିତା, ବୁଝ ନ ବୁଝ ପଢ଼ ଗୀତା। ପିତା ପାଟିକୁ ସ୍ୱାଦ ଲାଗେନାହିଁ ସତ, କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ। ସେମିତି ଗୀତା ବୁଝିବା ନ ବୁଝିବାରେ କିଛି ଫରକ ନାହିଁ । କାରଣ କେହି ପଢ଼ିଲେ ହିଁ ତାର ଉପକାର ଆପେ ଆପେ ପାଇଥାଏ। ତେଣୁ ଆମ ପୂର୍ବପୁରୁଷମାନେ ଗୀତାର ମହତ୍ୱ ବୁଝି ଏହାକୁ ମାର୍ଗଦର୍ଶକ ଭାବେ ଜୀବନରେ କାମରେ ଲଗାଇ ସୁଖ ଓ ଶାନ୍ତି ପାଉଥିଲେ, ଯେଉଁଥିପାଇଁ ଭାରତୀୟ ସଂସ୍କୃତିରେ ଗୀତାର ସ୍ଥାନ ସ୍ୱତନ୍ତ୍ର। କିନ୍ତୁ ସାମ୍ପ୍ରତିକ ପରିବର୍ତ୍ତିତ ସମାଜରେ ଗୀତା ପ୍ରତି ଆକର୍ଷଣ କମିଚାଲିଛି। ଏହା ଆଦୌ ଶୁଭଙ୍କର ନୁହେଁ । ରବିବାର ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନରେ ପ୍ରତିଷ୍ଠିତ ପ୍ରଜ୍ଞାନ ମିଶନ ତରଫରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଗୀତା ଆବୃତ୍ତି ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏସ୍‌ଭିଏମ୍ ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ବିଶ୍ୱାଳ ଏହା କହିଛନ୍ତି । ସେ କହିଥିଲେ,ଏ ପରିସ୍ଥିତିରେ ବିଶେଷକରି ଛାତ୍ରଗୋଷ୍ଠୀଙ୍କ ମନରେ ଗୀତା ପ୍ରତି ଆନ୍ତରିକତା ବୃଦ୍ଧି ପାଇଁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ରାଜ୍ୟବ୍ୟାପୀ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଭଳି ଗୀତା ଆବୃତ୍ତି ପ୍ରତିଯୋଗିତା ନୂଆ ଦିଶା ଦେଖାଇବ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ପ୍ରଦୀପ ଶତପଥୀ ଯୋଗଦେଇ ଗୀତାର ମାହାତ୍ମ୍ୟ ବିଷୟରେ ସାରଗର୍ଭକ ଭାଷଣ ଦେଇଥିଲେ । ମିଶନର ବରିଷ୍ଠ ସଦସ୍ୟ ବଂଶୀଧର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାସବ ନନ୍ଦ, ଦେବେନ୍ଦ୍ର ସ୍ୱାଇଁ, ବିପ୍ଳବ ଚୌଧୁରୀ, ମାନସ ସ୍ୱାଇଁ, ସୁରେଶ ଚୌଧୁରୀ, ତ୍ରିଲୋଚନ ମହାନ୍ତି ଓ ଭଗବାନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରତିଯୋଗିତା ୪ର୍ଥ ଶ୍ରେଣୀରୁ ଯୁକ୍ତ ୩ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ୪ଟି ବର୍ଗରେ ବିଭକ୍ତ କରାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ସମେତ ରଘୁନାଥପୁର ଓ ବିରିଡ଼ି ବ୍ଲକର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରୁ ପାଖାପାଖି ୨ ଶହରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୦ ଜଣ ଜିଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିବାରୁ ସେମାନଙ୍କୁ ମାନପତ୍ର ଓ ପୁସ୍ତକ ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାରେ ବିଚାରକଭାବେ ବିପିନ ବିହାରୀ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ସାହୁ, ନବଘନ ମୁଦୁଲି, ନଗେନ ପଣ୍ଡା, ସୁଦର୍ଶନ ନାୟକ, ପଦ୍ମଲୋଚନ ଶତପଥୀ, ବିନାୟକ ଉପାଧ୍ୟାୟ, ବାବାଜି ଚରଣ ଦାସ, ରବୀନ୍ଦ୍ର ମିଶ୍ର, ମନସ୍ୱିନୀ ସାହୁ, ମଧୁସ୍ମିତା ମହାନ୍ତି ଯୋଗଦେଇଥିଲେ। ମିଶନର ଜିଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ ଓ ବ୍ଲକ ପରିଚାଳକ ରବୀନ୍ଦ୍ରନାଥ ମିଶ୍ର ପରିଚାଳନାରେ ସହାୟତା କରିଥିଲେ। ଶେଷରେ ବିଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ ।

## ସଂକ୍ଷେପରେ

### ମାଲବୋଝେଇ ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

#### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

କୋଟଗଡ,୧୦।୯(ସରୋଜ ବଳିୟାରସିଂ)

କୋଟଗଡ଼ ବ୍ଲକ ବଣ୍ଡା ପିପିଲି କୋଟଗଡ ମୁନିଗୁଡାକୁ ସଂଯୋଗ କରୁଥିବା ଏସ୍ଏଚ୍ ୫ ରାସ୍ତାରେ ରବିବାର ଏକ ମାଲବୋଝେଇ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବଣ୍ଡାପିପିଲି ଅଞ୍ଚଳ ମୁଣ୍ଡାସାହି ଗ୍ରାମର ରହଲା ଶୁକମାଝି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଥିବା ବେଳେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଦଶ ଲକ୍ଷ ଟଙ୍କା କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ।ପ୍ରକାଶ ଯେ, ସକାଳ ଆଠଟାରେ ରହଲା ମାଙ୍କଡ଼ ଘଉଡ଼ାଇବାକୁ କ୍ଷେତକୁ ଯାଉଥିବା ବେଳେ କୋଟଗଡ଼ୁରୁ ମୁନିଗୁଡ଼ା ଯାଉଥିବା ଟ୍ରକ୍‌ଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ରାଗିଯାଇ ମୃତକଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଦୀର୍ଘ ୭ ଘଣ୍ଟା ଧରି ରାସ୍ତା ଅବରୋଧ ହେବାରୁ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ପୋଲିସ ପ୍ରଶାସନ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

### ଜିତେନ୍ଦ୍ର ବେହେରା ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଦସ୍ୟ ମନୋନୀତ

ମୋହନା,୧୦।୯(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନାର ଯୁବନେତା ଜିତେନ୍ଦ୍ର ବେହେରା ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଶୁକ୍ରବାର ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ସୁପାରିଶ ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଜିତେନ୍ଦ୍ରଙ୍କ ନାମ ଘୋଷଣା କରାଯାଇଛି। ଏଥିପାଇଁ ସେ ରାଜ୍ୟ ଭାଜପା ସଭାପତି ଓ ଓବିସି ମୋର୍ଚ୍ଚା ସଭାପତିଙ୍କ ସମେତ ସମସ୍ତ ବରିଷ୍ଠ ନେତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜୀତେନ୍ଦ୍ର ବିଜେପିର ଜଣେ ସକ୍ରିୟ ଯୁବନେତା ଥିବା ବେଳେ ପୂର୍ବରୁ ମୋହନା ବ୍ଲକ ଭାଜପା ସଭାପତି ଦାୟିତ୍ୱରେ ଥିଲେ।

### ଅବସରପ୍ରାପ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

ଫିରିଙ୍ଗିଆ,୧୦।୯(ବିକ୍ରମ ଦିଗାଲ)

ଅବସରପ୍ରାପ୍ତ ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଞ୍ଚାୟତର ଶୁଣ୍ଢୀଗାଁର ଯବାନ ଲମ୍ବୋଦର କହଁରଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ୨୪ ବର୍ଷ ତଳେ ଦେଶମାତୃକାର ସେବା ପାଇଁ ଆର୍ମିରେ ଯୋଗ ଦେଇଥିଲେ ଲମ୍ବୋଦର। ଅପରାହ୍ନରେ ଭୃଙ୍ଗିଯୋଡି ଛକଠାରେ ପହଞ୍ଚିଲା ପରେ ତାଙ୍କୁ ସ୍ୱାଗତ ଦେଇ ଅଞ୍ଚଳବାସୀ ଶୋଭାଯାତ୍ରା କରି ନିଜ ଘରକୁ ନେଇଥିଲେ। ଏହି ସ୍ୱଗତ ଉତ୍ସବରେ ଯବାନ ତିର୍ଥବାସୀ କହଁରଙ୍କ ସହ ଯବାନଙ୍କ ପରିବାର ବର୍ଗ ସାଙ୍ଗ ସାଥି ଉପସ୍ଥିତ ଥିଲେ।

# ଅନୁସୂଚିତ ଜାତି, ଜନଜାତି ମାମଲାର ଫଇସଲା କର

ଫୁଲବାଣୀ, ୧୦।୯(ରାକେଶ କୁମାର ରାଉତ)

ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ଆଇନ ସମ୍ପର୍କିତ ଜିଲାସ୍ତରୀୟ ଭିଜିଲାନ୍ସ ଏବଂ ମନିଟରିଂ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏଥିରେ ଅଧ୍ୟକ୍ଷତା କରି ବିଚାରାଧୀନ ମାମଲାଗୁଡ଼ିକର ଶୀଘ୍ର ଫଇସଲା ପାଇଁ ଜିଲା ମଙ୍ଗଳ ଅଧିକାରୀ ଓ ଉପସ୍ଥିତ ଉପ ଆରକ୍ଷୀ ଅଧୀକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ସୁପାରିସ ନ ହୋଇଥିବା ମାମଲାଗୁଡ଼ିକର କାରଣ ଲେଖିବା ସହିତ ବିଚାରାଧୀନ ମାମଲାଗୁଡ଼ିକୁ ୭ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପଠାଇବାକୁ ଉପଆରକ୍ଷୀ ଅଧୀକ୍ଷକଙ୍କୁ କହିଥିଲେ।

ଜିଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର ବୈଠକରେ ଉପସ୍ଥିତ ରହି ୨୦୨୧ରୁ ୨୦୨୩ ମଧ୍ୟରେ ସମୁଦାୟ ୮୫ ଯୁଗ୍ମ ତଦନ୍ତ ରିପୋର୍ଟ କନ୍ଧମାଳ ଏସ୍‌ପିଙ୍କଠାରୁ ଗ୍ରହଣ କରାଯାଇଛି। ସେଗୁଡ଼ିକୁ ସରକାରଙ୍କ ଅବଗତି ପାଇଁ ପଠାଯାଇଛି। ସେଥିମଧ୍ୟରୁ ୨୦୨୧ରେ ୪୧, ୨୦୨୨ରେ ୩୧ ଓ ୨୦୨୩ରେ ୧୩ ଯୁଗ୍ମ ତଦନ୍ତ ରିପୋର୍ଟ ଗ୍ରହଣ କରାଯାଇଛି । ଏସ୍‌ପିଙ୍କ ରିପୋର୍ଟ ଅନୁସାରେ ୨୦୨୧ ଜାନୁୟାରୀ ୧ରୁ ଅଗଷ୍ଟ ୨୦୨୩ ସୁଦ୍ଧା ୪୩ଟି ଯୁଗ୍ମ ତଦନ୍ତ ରିପୋର୍ଟ ଏବଂ ୪୫ ଆଟ୍ରୋସିଟି ମାମଲା ଅନୁସନ୍ଧାନ ଅପେକ୍ଷାରେ ରହିଛି । ୨୦୨୧ରୁ ୨୦୨୩ ମଧ୍ୟରେ ସମୁଦାୟ ୬୪ ଜଣ ନିର୍ଯାତିତଙ୍କ ମଧ୍ୟରୁ ୪୭ଜଣଙ୍କୁ ସମୁଦାୟ ୯୪ଲକ୍ଷ ୪୪ହଜାର ୨୫୦ଟଙ୍କା ଆର୍ଥିକ କ୍ଷତିପୂରଣ ଆକାରରେ ପ୍ରଦାନ କରାଯାଇଛି। ସରକାର ନିର୍ଯାତିତଙ୍କ ହିସାବ ଖାତାକୁ ସିଧାସଳଖ ଭାବେ କ୍ଷତିପୂରଣ ଟଙ୍କା ପଠାଇ ଦେଇଛନ୍ତି। ସରକାରୀ ଓକିଲଙ୍କ ରିପୋର୍ଟ ଅନୁଯାୟୀ ୨୦୨୧ରେ ୧୩୮ଟି ମାମଲା ବିଚାରାଧୀନ ଥିଲା। ସେହି ବର୍ଷରେ ୩୨ଟି ମାମଲା ଗ୍ରହଣ କରାଯାଇଥିଲା। ତେବେ ସେହି ବର୍ଷ ମଧ୍ୟରେ ୧୪ ଗୋଟି ମାମଲା ଫଇସଲା କରାଯାଇଥିଲା ଓ ୧୫୬ଟି ମାମଲା ବିଚାରାଧୀନ ଥିଲା। ସେହିପରି ୨୦୨୨ରେ ୫୧ଟି ମାମଲା ଗ୍ରହଣ କରାଯାଇଥିବା ବେଳେ ୧୫ଟିର ଫଇସଲା କରାଯାଇଥିଲା । ସେହି ତଥ୍ୟ ଆଧାରରେ ୨୦୨୩ ପ୍ରାରମ୍ଭରେ ୧୯୨ଟି ମାମଲା ବିଚାରାଧୀନ ଥିଲା ଓ ଅଗଷ୍ଟ ୨୦୨୩ ସୁଦ୍ଧା ୨୫ ମାମଲା ଗ୍ରହଣ କରାଯାଇଛି। ସେଥି ମଧ୍ୟରୁ ୨୭ ମାମଲାର ଫଇସଲା କରାଯାଇ ୧୯୦ ମାମଲା ବିଚାରାଧୀନ ରହିଛି ବୋଲି ସୂଚନା ଦେଇଥିଲେ। ଏତେଗୁଡ଼ିଏ ମାମଲା ବିଚାରାଧୀନ ଥିବାରୁ ଭିଜିଲାନ୍ସ ଏବଂ ମନିଟରିଂ କମିଟି ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଓ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ମାମଲାଗୁଡ଼ିକର ଶୀଘ୍ର ଫଏସଲା ପାଇଁ ପରାମର୍ଶ ଦେଇଥିଲେ ।

ଅନ୍ୟପକ୍ଷରେ ୨୦୨୧ରୁ ଅଗଷ୍ଟ ୨୦୨୩ ମଧ୍ୟରେ ପ୍ରୋତ୍ସାହନ ରାଶି ପ୍ରଦାନ ଲାଗି ସମୁଦାୟ ୬୦ଟି ଅସବର୍ଣ୍ଣ ବିବାହିତ ଦମ୍ପତିଙ୍କ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ ୨୨ ଦମ୍ପତିଙ୍କୁ ମୋଟ୍ ୫୩ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଅବଶିଷ୍ଟ ୩୮ଟି ଦରଖାସ୍ତ ମଧ୍ୟରୁ ୧୩ଟି ନାକଚ ହୋଇସାରିଛି । ୧୨ଟି ମାମଲା ତଦନ୍ତ ସ୍ତରରେ ଅଛି।

# ବିରଳ ପାଟ ମୂଷା ଉଦ୍ଧାର

ମୋହନା,୧୦।୯(ମନ୍ମଥ ମିଶ୍ର)



ଉଦ୍ଧାର ପାଟ ମୂଷା

ଗଜପତି ଜିଲା ମୋହନା ବନବିଭାଗ ଦ୍ୱାରା କଲେଜ ଛକ ନିକଟ ନିରଞ୍ଜନ ସାହୁଙ୍କ ଘରକୁ ଏକ ବିରଳ ପ୍ରଜାତିର ପାଟ ମୂଷା ପଶି ଆସିଥିଲା। ମୂଷାକୁ ଦେଖି ସେ ମୋହନା ବନ ବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ଦେବାଶିଷ ଶତପଥୀ ଓ କର୍ମଚାରୀ ପହଞ୍ଚି ପାଟ ମୂଷାକୁ ଉଦ୍ଧାର କରି କାର୍ଯ୍ୟାଳୟକୁ ଆଣିଥିଲେ। ପାଟ ମୂଷାଟିର ବୟସ ପ୍ରାୟ ୬ ରୁ ୮ ମାସ ହେବ। ତାକୁ ୨ଦିନ କାର୍ଯ୍ୟାଳୟରେ ରଖି ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାକୁ ଲଖାରି ଅଭୟରଣ୍ୟରେ ଛଡାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

# ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ରମ୍ଭା,୧୦।୯(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ପଞ୍ଚାୟତ ଅଧିନସ୍ଥ ପଲୁର୍ ଜଙ୍କସନ୍ ଠାରେ ଥିବା ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରଠାରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ରଞ୍ଜନ କୁମାର ନାହକଙ୍କ ତତ୍ତ୍ୱାବଧାନରେରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ରୂପେ ଗୋପାଳକୃଷ୍ଣ ମହାବିଦ୍ୟାଳୟର ଅଧ୍ୟାପିକା ସନ୍ତୋଷିନୀ ନାୟକ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ସନ୍ତୋଷିନୀ ନାୟକ ବିଜ୍ଞାନ କିପରି ଜୀବଜଗତ ପାଇଁ ଉପକାରୀ ଏବଂ ଅପକାରୀ ତାହା ଛାତ୍ରୀଛାତ୍ରମାନଙ୍କୁ ସୂଚନା ଦେଇଥିଲେ। ପ୍ରଧାନ ଅଚାର୍ଯ୍ୟା ସସ୍ମିତା ମହାରଥି, ପ୍ରମୋଦ କୁମାର ବାରିକ, ସ୍ୱପ୍ନରାଣୀ ପାତ୍ର, ଗୁରୁବାରି ବେହେରା, ପି. ସନ୍ଧ୍ୟା ପ୍ରଧାନ, ସୁରଭି ବିଶ୍ୱାଳ, ଅର୍ମତି ଦୀପ ସାହୁ, ସୁନିତା ବେହେରା, ରୂପାଲି ମୁଦୁଲି, ମାମଲି ସାହୁ ଯୋଗଥିଲେ।

# ଜନଜାତି ଲୋକ କଥା, ଲୋକ ପରମ୍ପରା କର୍ମଶାଳା



ଦାରିଙ୍ଗବାଡ଼ି,୧୦।୯(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ଭ୍ରମରବାଡିଠାରେ ରବିବାର ସ୍କୁଲ ଅଫ ଟ୍ରାଇବାଲ ଷ୍ଟଡିଜ ଆଣ୍ଡ ଇଣ୍ଡିଜିନସ ରିସର୍ଚ୍ଚ, ଭୁବନେଶ୍ୱର ତରଫରୁ ଜନଜାତି ଲୋକ କଥା ଓ ଲୋକ ପରମ୍ପରା ଶୀର୍ଷକ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ପରିଚାଳନା କରିଥିଲେ। ଉକ୍ତ କାର୍ମଶାଳାରେ ଡଃ ଅଜୟ କୁମାର ନାୟକ, ଅତିରିକ୍ତ ନିର୍ଦ୍ଦେଶକ, ଗୋପବନ୍ଧୁ ଏକାଡେମି, କର୍ମଶାଳାର ଉଦ୍ଦେଶ୍ୟ ବିଷୟ ଉପସ୍ଥାପନା କରିଥିଲେ। ଜନଜାତି ଲୋକ କଥା ଓ ଲୋକ ପରମ୍ପରା ଉପରେ ଆଲୋଚନାରେ ଭାଗନେଇ ଭ୍ରମରବାଡିର ପୂର୍ବତନ ସରପଞ୍ଚ ତିଲମା ପ୍ରଧାନ ଓ ପର୍ଡମାହ ପୂର୍ବତନ ସରପଞ୍ଚ ଜ୍ୟୋତିରାଜ ପ୍ରଧାନ, କୁଇ ସଂସ୍କୃତିର ମହାନତା ଓ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ନାରିନେତ୍ରୀ ନମଜିନୀ ମଲିକ, ନୂତନ ପିଢୀ ନିଜ ସଂସ୍କୃତିଠାରୁ ଦୂରେଇ ଯାଇ ବାହାରେ ଦାଦନ ଖଟିବାକୁ ଅଧିକ ପସନ୍ଦ କରୁଥିବା ବେଳେ କ୍ଷୁଦ୍ର ଦାନା ଶସ୍ୟ, ଯାହାକି ତାଙ୍କର ମୁଖ୍ୟ ଖାଦ୍ୟ ଥିଲା, ତାହା ସ୍ଥାନରେ ଭାତ ମୁଖ୍ୟ ଖାଦ୍ୟ ହୋଇ କିଭଳି ବିଭିନ୍ନ ରୋଗର ଶିକାର ହେଉଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ। ଏହା ସହିତ ଆଦିବାସି ସଂସ୍କୃତି ଗବେଷଣ ଡଃ ମିହିର କୁମାର ଜେନା, ଅବସରପ୍ରାପ୍ତ ସରକାରୀ ଅଧିକାରୀ ଶାନ୍ତନୁ କୁମାର ଦାସ, ଭ୍ରମରବାଡି ସରପଞ୍ଚ ନରୋତ୍ତମ ପ୍ରଧାନ ଲୋପପାଇ ଯାଉଥିବା ପରମ୍ପରାକୁ ବଞ୍ଚାଇରଖିବାର ଉଦ୍ୟମ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ରାମାକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଚମ୍ପାଘାଟିରେ ଓଲଟିଲା ଟ୍ରକ୍, ଡ୍ରାଇଭର ଗୁରୁତର

ଆର.ଉଦୟଗିରି, ୧୦।୯(ମନୋଜ କୁମାର ପାଢୀ)

ଆର.ଉଦୟଗିରି ଥାନା ସୁଣ୍ଡୁରବା ଗ୍ରାମ ନିକଟସ୍ଥ ଚମ୍ପାଘାଟି ବୁଲାଣିଠାରେ ରବିବାର ଟ୍ରକଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଚାଳକ ପ୍ରେମନନ୍ଦ୍ର ସାହୁ ଗୁରୁତର ହୋଇଛନ୍ତି। ସକାଳ ୬ଟାରେ ଏକ ମାଳବାହି ଟ୍ରକ (ନଂ ଓଡି୦୫ ଏଟି ୭୩୬୩) ଆର.ଉଦୟଗିରିରୁ ଖାଲି କାଚ ବୋତଲ ଧରି ବ୍ରହ୍ମପୁର ଯାଉଥିବା ସମୟରେ ସୁଣ୍ଡୁବା ଗ୍ରାମ ନିକଟସ୍ଥ ଚମ୍ପାଘାଟି ବୁଲାଣିରେ ଭାରସାମ୍ୟ ହରାଇ ୨୦ ଫୁଟ ତଳକୁ ଓଲଟି ପଡି ଗଛକୁ ଧକ୍କା ଦେଇଥିଲା। ଗାଡିର ଡ୍ରାଇଭରଙ୍କ ଗୋଡ ଚପେଇ ହୋଇ ରହିଯାଇଥିଲା। ତହସିଲଦାର ଜ୍ୟୋର୍ତିମୟ ଦାସ, ଥାନା ଅଧିକାରୀ ପ୍ରଶାନ୍ତ ମଳିକ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଦୁଇ ଘଣ୍ଟା ଚେଷ୍ଟାପରେ ଡ୍ରାଇଭରଙ୍କୁ ଉଦ୍ଧାର କରି ଆର.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ଗାଡିର ହେଲପର ରମାକାନ୍ତ ସାମାନ୍ୟ ଆହତ ହୋଇଥିଲେ। ଏ ନେଇ ଆର.ଉଦୟଗିରି ଥାନା ପୋଲିସ ଗାଡି ଜବତ କରିବା ସହ ନଂ.୧୨୦/୨୩ ମାମଲା ରୁଜୁ କରି ତଦନ୍ତ ଚାଳାଇଛି।

# ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ କୃଷକ ସଚେତନତା



ପାରଳାଖେମୁଣ୍ଡି, ୧୦।୯ (ଗିରିଧାରୀ ପରିଛା)

ଗୋସାଣି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ସୀତାପୁର ଗ୍ରାମର ପାରଳାଖେମୁଣ୍ଡି ସ୍ଥିତ ସେଞ୍ଚୁରିଆନ ବିଶବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା କୃଷକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଏମ.ଏସ ସ୍ୱାମୀନାଥନ, କୃଷି ବିଜ୍ଞାନ ଛାତ୍ରୀ ଶୁଭସ୍ମିତା ଭୋଳ ଏବଂ ନିକିତା ବାରିକ ଏହି ସଚେତନା ଶିବିରରେ ଯୋଗଦେଇଥିଲେ। ସେହିପରି କୀଟମାନଙ୍କୁ ଆକୃଷ୍ଟ କରିବା ପାଇଁ ହଳଦିଆ ଯନ୍ତା କିପରି ବ୍ୟବହାର କରାଯିବ ଓ ଉପଦେୟତା ବିଷୟରେ ସଚେତନ କରାଇଥିଲେ। ଜଣେ କୃଷକ କିପରି କଦଳୀ ଗଛର ନିୟନ୍ତ୍ରଣ କରିବେ ଏବଂ କିପରି ହଳଦିଆ ଯନ୍ତାକୁ ବ୍ୟବହାର କରିବେ ବୁଝାଇଥିଲେ। ଏହି ସଚେତନା ଶିବିରରେ ସ୍ଥାନୀୟ ସମିତି ସଭ୍ୟଙ୍କ ପ୍ରତିନିଧି ଡି.ଧର୍ମ ରାଓ ଅତିଥି ରୂପେ ଯୋଗ ଦେଇଥିବା ବେଳେ କାହ୍ନୁଚରଣ ଭୁକ୍ତା, ଶ୍ରୀକାନ୍ତ ଭୁକ୍ତା, ପ୍ରଦୀପ କୁମାର ଭୁକ୍ତା ଓ ଶ୍ରୀରାମ ପଣ୍ଡାଙ୍କ ସମେତ ବହୁ କୃଷକ ଯୋଗ ଦେଇଥିଲେ।

# ପ୍ରଶାସନର ନିର୍ଦ୍ଦେଶନାମାକୁ ବେଖାତିର

## ବିକ୍ରି ହେଉଛି ପ୍ଲାଷ୍ଟର ଅଫ ପ୍ୟାରିସ୍ ମୂର୍ତ୍ତି

ପାରଳାଖେମୁଣ୍ଡି, ୧୦।୯ (ଗିରିଧାରୀ ପରିଛା)



ଗଜପତି ଜିଲାରେ ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତି ବ୍ୟବହାର ଉପରେ ଜିଲା ପ୍ରଶାସନ ପକ୍ଷରୁ କଟକଣା କରାଯାଇଛି। ଏ ନେଇ ଜିଲାପାଳ ଅଗଷ୍ଟ ୨୩ରେ ଏକ ନିର୍ଦ୍ଦେଶାନାମା ଜାରି କରିଥିଲେ। ଗ୍ରାମାଞ୍ଚଳରୁ ପୌରାଞ୍ଚଳ ପର୍ଯ୍ୟନ୍ତ ସମସ୍ତଙ୍କୁ ସଚେତନ କରି ପାର୍ବଣ ଋତୁ ଆରମ୍ଭରୁ ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତି ବ୍ୟବହାରକୁ ବ୍ୟାନ ଘୋଷଣା କରାଯାଇଛି। କୌଣସି ପୂଜାମଣ୍ଡପରେ ଯେପରି ଏହି ମୂର୍ତ୍ତି ବ୍ୟବହାର ନହେବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ଜିଲାର ସମସ୍ତ ବିଡ଼ିଓ, ତହସିଲଦାର, ପୌରାଞ୍ଚଳ ଓ ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ରହିଛି। କିନ୍ତୁ କାଶୀନଗର ଏନଏସିରେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରିବା ସହ ପ୍ରଶାସନକୁ ଚେଲେଞ୍ଜ କରାଯାଉଛି। କାଶୀନଗରରେ ୮ଟି ଜାଗାରେ ମୂର୍ତ୍ତି ବିକ୍ରି କରି ପ୍ଲାଷ୍ଟର ଅଫ ପ୍ୟାରିସ ମୂର୍ତ୍ତିର ଖୋଲା ବଜାର ସୃଷ୍ଟି କରିଛନ୍ତି ବ୍ୟବସାୟୀ। ଏଭଳିକି କାଶୀନଗର ତହସିଲ ଅଫିସ ରାସ୍ତାର ତିନୋଟି ଜାଗାରେ ବେଧଡକ ଭବେ ଏହି ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି।

# କଳାବ୍ୟାଜ ପିନ୍ଧି ପାଠ ପଢ଼ାଇଲେ ଶିକ୍ଷକ

ବେଲଗୁଣ୍ଠା,୧୦।୯(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ତିନି ଦଫା ନେଇ ଓଡିଶା ଆଦର୍ଶ ଉଚ୍ଚ ବିଦ୍ୟାଳୟ ଯତ୍ରୀୟରପୁର ନିକଟସ୍ଥ ପ୍ରତାପଲକ୍ଷ୍ମଣପୁର ଶିକ୍ଷୟିତ୍ରୀ ଶିକ୍ଷକମାନେ କଳାବ୍ୟାଜ ପରିଧାନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଧାନ ଶିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସେମାନଙ୍କର ଦାବି ପୂରଣ ନ ହୁଏ ତାହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ସହିତ ଧର୍ମଘଟ କରିବା ପାଇଁ ଚେତାବନୀ ଦେଇଛନ୍ତି।

# କଳିଙ୍ଗ ମହାବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର

ଜି.ଉଦୟଗିରି,୧୦।୯(ଶିଶିର ପଟ୍ଟନାୟକ/ (ପି ସଞ୍ଜୀବ କୁମାର ପାତ୍ର)

ଜି.ଉଦୟଗିରି ସ୍ଥିତ କଳିଙ୍ଗ ମହାବିଦ୍ୟାଳୟ ପରିସରରେ ରବିବାର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍ ଏବଂ ମହାନଦୀ ନେତ୍ର ଚିକିତ୍ସାଳୟ, ବୀରମହାରାଜପୁର ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ କୁମାର ତ୍ରିପାଠୀ ଏହି ଶିବିରର ଉଦ୍‌ଘାଟନ କରିଥିବା ବେଳେ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେର ଅଧ୍ୟକ୍ଷତା କରିଥିଲେ। ଜାତୀୟ ସେବା ଯୋଜନା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ନଳିନୀ କୁମାର ପାଣିଗ୍ରାହୀ, ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପକ ତପନ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଏଥିରେ ମହାନଦୀ ନେତ୍ର ଚିକିତ୍ସାଳୟ, ବୀରମହାରାଜପୁରର ଡାକ୍ତର ପ୍ରଶାନ୍ତ କୁମାର ଦାଶ, ଧର୍ମରାଜ ନନ୍ଦ, ଟେକ୍ନିସିଆନ୍ ମହେନ୍ଦ୍ର ମେହେର, ବାଦଲ୍ ଭୋଇ, ଚନ୍ଦ୍ର ଶେଖର ନନ୍ଦ ଯୋଗଦେଇ ୧୨୦ ଜଣ ଚକ୍ଷୁ ରୋଗୀଙ୍କ ମାଗଣାରେ ଚିକିତ୍ସା କରିଥିଲେ। ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପକ ତପନ ନାୟକ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରୀଶ୍ ମୁଠାମାଝି ଏବଂ ସରିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ସଫଳ ହୋଇଥିଲା।

# ଖଲ୍ଲିକୋଟ ବ୍ଲକ ସରପଞ୍ଚ ସଂଘ ଗଠିତ




ଖଲ୍ଲିକୋଟ,୧୦।୯(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କହ୍ନେଇପୁର ପଞ୍ଚାୟତର ମା' ରାହାଣ ଦେବୀଙ୍କ ପୀଠରେ ରବିବାର ଖଲ୍ଲିକୋଟ ବ୍ଲକ ସରପଞ୍ଚ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକର ମୋଟ ୨୯ଟି ପଞ୍ଚାୟତ ମଧ୍ୟରୁ ୨୩ଟି ପଞ୍ଚାୟତର ସରପଞ୍ଚ ଓ ସରପଞ୍ଚ ପ୍ରତିନିଧିମାନେ ଯୋଗ ଦେଇଥିଲେ। ବିକ୍ରମପୁର ସରପଞ୍ଚ ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ଡିମିରିଆ ସରପଞ୍ଚ ପ୍ରତିନିଧି ମନୋଜ କୁମାର ଗୌଡ଼ ସଂଯୋଜନା କରିଥିଲେ। ସାମ୍ପ୍ରତିକ ସମୟରେ ସରପଞ୍ଚମାନଙ୍କୁ ପ୍ରତି କ୍ଷେତ୍ରରେ ଅଣଦେଖା କରାଯାଉଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ୧୫ ଦଫା ସମ୍ବଳିତ ଏକ ଦାବିପତ୍ର ସୋମବାର ସ୍ଥାନୀୟ ବିଡ଼ିଓଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ତାଳପଡା ସରପଞ୍ଚ ମନୋଜ କୁମାର ସେଠୀଙ୍କୁ ସଂଘର ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ପଥରା ସରପଞ୍ଚ ପିଙ୍କି ବେହେରା ଉପସଭାପତି, କହ୍ନେଇପୁର ସରପଞ୍ଚ ପ୍ରକାଶ ସାସମଲ ସମ୍ପାଦକ, ବାଦପଲ୍ଲୀ ସରପଞ୍ଚ ନିର୍ମଳା ଶବର ସହ ସମ୍ପାଦକ, କେଶପୁର ସରପଞ୍ଚ ବିଚିତ୍ର ଜାଲୀ କୋଷାଧ୍ୟକ୍ଷ ଏବଂ ବିକ୍ରମପୁର ସରପଞ୍ଚ ପ୍ରସନ୍ନ କୁମାର ଆଚାର୍ଯ୍ୟ ଓ ମଥୁରା ସରପଞ୍ଚ ହେମନ୍ତ ସେଠୀଙ୍କୁ ଉପଦେଷ୍ଟା ଭାବେ ସର୍ବସମ୍ମତ ଭାବେ ମନୋନୀତ କରାଯାଇଥିବା ଜଣାପଡିଛି। ସରପଞ୍ଚ ସଭାପତି ସେଠୀ ନିଜ ବକ୍ତବ୍ୟରେ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟି ରୁ ପ୍ରତ୍ୟେକ ସରପଞ୍ଚ ଏକାଠି ହୋଇ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ସଂଘର ଉପଦେଷ୍ଟା ବିକ୍ରମପୁର ସରପଞ୍ଚ ପ୍ରସନ୍ନ କୁମାର ଆଚାର୍ଯ୍ୟ ଦଳଗତ ନିର୍ବିଶେଷରେ ଏକାଠି କାମ କରିବା ବୋଲି ମତବ୍ୟକ୍ତ କରିଥିଲେ।

# ଗଞ୍ଜାମ ଥାନାରେ ପ୍ରଥମ ମହିଳା ଥାନା ଅଧିକାରୀ

ଗଞ୍ଜାମ,୧୦।୯(ବିଦ୍ୟାଧର ସାହୁ)



ଗଞ୍ଜାମ ଥାନାରେ ପ୍ରଥମ ଥର ପାଇଁ ମହିଳା ଥାନା ଅଧିକାରୀ ଭାବେ ସୁମିତ୍ରା ପାତ୍ର ରବିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଥାନାର ଆଇଆଇସି ସନ୍ତୋଷ କୁମାର ବେହେରାଙ୍କ ଭୁବନେଶ୍ୱର କମିଶନରେଟକୁ ବଦଳି ହେବା ପରେ ପାତ୍ର ଏଠାରେ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ସେ ଅନୁଗୁଳରେ କାର୍ଯ୍ୟରତ ଥିଲେ। ନୂଆ ଆଇଆଇସି ଥାନାରେ ପହଞ୍ଚିବା ପରେ ପ୍ରଥମେ ଗଞ୍ଜାମ ଥାନା ପୋଲିସ ସ୍ୱାଗତ ଜଣାଇଥିଲେ। ଗଞ୍ଜାମ ସାନ ବଜାର ବଣିକ ସଂଘ ସଭାପତି ତଥା ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ବିଜେଡି ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକି, ଯୁବ ସ୍ୱେଚ୍ଛାସେବୀ ଟୋନି ମାଳୀ ପ୍ରମୁଖ ନୂତନ ଆଇଆଇସିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି। ସହରରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ସହ ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ଦିଗରେ ଚେଷ୍ଟା କରିବେ ବୋଲି ନୂତନ ଆଇଆଇସି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# କୋଦଳା ଏନ୍ଏସି ଭାଜପାର ସମୀକ୍ଷା

## ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ବିଜେଡିରେ ମିଶିବାକୁ ବାଧ କରୁଥିବା ଅଭିଯୋଗ

କୋଦଳା,୧୦।୯(ଅମିତ କୁମାର ପଟ୍ଟନାୟକ)

ରାଜ୍ୟ ଭାଜପା କର୍ମକର୍ତ୍ତାମାନେ ରବିବାର କୋଦଳା ଏନଏସି ଗସ୍ତ କରି ସ୍ଥାନୀୟ ନେତୃବୃନ୍ଦ ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ବରିଷ୍ଠ ନେତା ଗୋଲକ ମହାପାତ୍ର, ଅନିତା ସୁଭଦର୍ଶନୀ କୋଦଳା ଗସ୍ତରେ ଆସି ସ୍ଥାନୀୟ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ, ଉପାଧ୍ୟାକ୍ଷା ରଞ୍ଜିତା ସେଠ ଉପସ୍ଥିତ କାଉନସିଲରମାନଙ୍କ ସହ ସାଙ୍ଗଠନିକ କାର୍ଯ୍ୟଶୈଳୀ ଉପରେ ଆଲୋଚନା କରିଥିଲେ। ଏହାସହ ଅଧ୍ୟକ୍ଷ ଏବଂ ସମସ୍ତ କାଉନସିଲରମାନେ ମାସିକ ବୈଠକ କରି ଏକଜୁଟ ହୋଇ ଲୋକଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ଉପଦେଶ ଦେଇଥିଲେ। ତେବେ ସ୍ଥାୟୀ ନିର୍ବାହୀ ଅଧିକାରୀ ନଥିବାରୁ ବହୁ ଉନୟନ କାର୍ଯ୍ୟ ହୋଇପାରୁନି ବୋଲି ଅଧ୍ୟକ୍ଷ ଦାବି କରିଥିଲେ। ତେବେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ଗତ ୨୦୧୯ରେ ଭାଜପାରୁ ପ୍ରାର୍ଥି ହୋଇ ପରାଜିତ ହୋଇଥିବା ରଞ୍ଜନ କୁମାର ପଲାଇ କୋଦଳା ଅଧ୍ୟକ୍ଷ ଏବଂ ଭାଜପାର କାଉନସିଲରମାନଙ୍କୁ ବିଜେଡିରେ ଯୋଗଦେବାକୁ ବାଧ କରୁଥିବା ନେଇ ଅଭିଯୋଗ କରିଥିଲେ। ରଞ୍ଜନ ପଲାଇ କାଉନସିଲରମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବିଜେଡିରେ ଯୋଗଦେବାକୁ କହୁଛନ୍ତି। ଯାହାଫଳରେ ଦଳୀୟ ଶୃଙ୍ଖଳାଭଙ୍ଗ ହେଉଥିବା ନେଇ ରାଜ୍ୟ ଭାଜପା ସଭାପତିଙ୍କ ପାଖକୁ ଏକ ଲିଖିତ ଅଭିଯୋଗ ପତ୍ର ଆସିଥିବା ନେତୃମଣ୍ଡଳୀକୁ ଦେଇଛନ୍ତି। ଏନେଇ ଭାଜପା ନେତା ରଞ୍ଜନ ପଲାଇଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଭାଜପା ଦୁଇ ଭାଗରେ ଥିବାରୁ ମୋ ଉଦ୍ଦେଶ୍ୟରେ ଏହା ଏକ ମିଥ୍ୟା ଅଭିଯୋଗ।



ଅଭିଯୋଗ ପତ୍ର ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ସେପ୍ଟେମ୍ବର, ୨୦୨୩



**ସଂକ୍ଷେପରେ**

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ବଡ଼ବିଲ,୧୦।୯ (ଦେବପ୍ରିୟ ରଣା):

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ସାଧୁସିଂହ ହଟିଂରେ ରବିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ସାଧୁସିଂହ ହଟିଂର କୁନୁ ଲୋହାର(୨୧)। ଘରେ ଏକ କାର୍ଯ୍ୟକ୍ରମ ଥିବାରୁ କୁନୁ ଘରେ ରଙ୍ଗ ମାରୁଥିଲେ। କାନ୍ଥ ନିକଟରେ ଥିବା ଏକ ଲୁହା ପାଇପରେ କୌଣସି କାରଣରୁ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ରଙ୍ଗ ମାରୁଥିବା ସମୟରେ ଉକ୍ତ ପାଇପ୍‌ଟିକୁ ସେ ଧରିଦେଇଥିଲେ। ଫଳରେ ଗୁରୁତର ଅବସ୍ଥାରେ ଛିଟିକି ପଡ଼ିଥିଲେ। ପରିବାର ଲୋକେ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ବିଲ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୬/୨୦୨୩)ରୁଜୁ ହୋଇଛି।

## ମହିଳାଙ୍କ ଆତ୍ମହତ୍ୟା

ଲଙ୍ଗଳେଶ୍ୱର,୧୦।୯(କମଳାକାନ୍ତ ଦାସ)

ସିଂଲା ଥାନା ଅନ୍ତର୍ଗତ ରାଇପୁର ଗ୍ରାମର ଦିଲ୍ଲୀପ ଜେନାଙ୍କ ସ୍ତ୍ରୀ ପୂଜାରାଣୀ ରବିବାର ସକାଳେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି।

ସୂଚନା ଅନୁଯାୟୀ, ବାଲିଆପାଳ ଥାନା ଅନ୍ତର୍ଗତ ଚାନ୍ଦମଣି ଗ୍ରାମର ଜନ୍ମେଜୟ ଜେନାଙ୍କ ଝିଅ ପୂଜାରାଣୀଙ୍କ ସହ ରାଇପୁର ଗ୍ରାମର ବଂଶୀଧର ଜେନାଙ୍କ ପୁଅଙ୍କ ସହ ଗତ ୩ ବର୍ଷ ପୂର୍ବରୁ ବୈଦୀକ ରୀତିରେ ବିବାହ ହୋଇ ଥିଲା। ସେମାନଙ୍କର ୨ ବର୍ଷର ଝିଅ ରହିଛି। ତେବେ ଦିଲ୍ଲୀପ ବାହାର ରାଜ୍ୟରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ରବିବାର ସକାଳେ ପୂଜାରାଣୀ କୌଣସି କଥାକୁ ନେଇ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳାଙ୍କ ବାପଘର ଲୋକେ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ସିଂଲା ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୯/୨୩) ରଜୁ ହୋଇଛି।

## ବ୍ୟବସାୟୀଙ୍କ ପରଲୋକ

କାଏମା,୧୦।୯(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ୍ ଅଧୀନ ବଡ଼କାଏମା ବଜାରର ବିଶିଷ୍ଟ ବ୍ୟବସାୟୀ ଦୁଃଶାସନ ସାହୁଙ୍କ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ହେବ ସେ ଶ୍ୱାସଜନିତ ରୋଗରେ ପୀଡ଼ିତ ଥିଲେ। ଦେହ ଅଧିକ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଜାର କମିଟି ପକ୍ଷରୁ ରବିବାର ବଜାର ବନ୍ଦ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସେ ଜଣେ ମେଳାପି ବ୍ୟକ୍ତି ଥିଲେ। ସାହୁ ମିଷ୍ଟାନ ଭଣ୍ଡାର ନାମରେ ବ୍ୟବସାୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଗାଁ ପୂଜା କମିଟିର ଜଣେ ସକ୍ରିୟ ସଦସ୍ୟଥିଲେ। ତାଙ୍କ ମୃତଦେହକୁ ବଜାର ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ସତ୍ୟାନନ୍ଦ ମୁଖାଗ୍ନି ଦେଇଛନ୍ତି।

# ‘ଧର୍ମଶାଳା ସଂସ୍କୃତିର ମାଟି, ସାହିତ୍ୟର ଗନ୍ତାଘର’

### ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ

ଧର୍ମଶାଳା,୧୦।୯(ବଟକୃଷ୍ଣ ପରିଡ଼ା):


ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ ପ୍ରତିଭା।

ଧର୍ମଶାଳା ବ୍ଲକ୍ ଅଞ୍ଚଳର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୨୧ତମ ଜୟନ୍ତୀ, ପୁରସ୍କାର ବିତରଣ, ଗୋକର୍ଣ୍ଣିକା ସମ୍ମାନ ପ୍ରଦାନ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବକୁ ‘ସମାଜ’ ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ଉଦ୍‌ଘାଟନ କରି ଲେଖକୀୟ ଜୀବନ କିପରି ସାମାଜିକ ଜୀବନ ତଥା ସଂସ୍କୃତିକୁ ପ୍ରଭାବିତ କରିଥାଏ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗୋକର୍ଣ୍ଣିକା ପତ୍ରିକା ବହୁ ନୂତନ ଓ ପ୍ରବୀଣଙ୍କ ସ୍ୱାକ୍ଷରରେ ୪୬ ବର୍ଷ ଧରି ଜାରକା ପରି ଏକ ଗ୍ରାମାଞ୍ଚଳରୁ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହୋଇଆସୁଛି। ଏହା ବିସ୍ମିତ ଲାଗୁଛି ବୋଲି ଡ. ମହାପାତ୍ର କରିଥିଲେ। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇ କାବ୍ୟିକ ଚିନ୍ତନରେ ପ୍ରକୃତିର ପ୍ରମୁଖ ଭୂମିକା ଉପସ୍ଥାପନ କରି ପବନର ସ୍ୱର, ମୁକୁଳିତ ଫୁଲର ଶବ୍ଦ ତଥା ଝରଣା ଜଳର ଜୀବନ ଭିତରେ ସାହିତ୍ୟର ସୂକ୍ଷ୍ମାତିସୂକ୍ଷ୍ମ ଆତ୍ମାର ଅନୁସନ୍ଧାନ କରାଯାଇପାରେ। ଧର୍ମଶାଳା ହେଉଛି ସଂସ୍କୃତିର ମାଟି ଓ ସାହିତ୍ୟର ଗନ୍ତାଘର ବୋଲି କହିଥିଲେ। ଏଥିସହିତ ପଣ୍ଡିତ ତ୍ରିପାଠୀଙ୍କ ଜୟନ୍ତୀ ସମଗ୍ର ରାଜ୍ୟରେ ପାଳିତ ହେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ।

ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ଯୋଗଦେଇ ପଣ୍ଡିତ ତ୍ରିପାଠୀଙ୍କ ଗ୍ରନ୍ଥାବଳୀ ସାହିତ୍ୟ ଏକାଡେମୀ ଆଉଥରେ ପ୍ରକାଶ କରିବା ପାଇଁ ଉଦ୍ୟମ ଚଳାଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି କବି ଡ. ନାରାୟଣ ପଣ୍ଡା ଯୋଗଦେଇ ଗୋକର୍ଣ୍ଣିକା ସାହିତ୍ୟ ସମାଜର କାର୍ଯ୍ୟଧାରା, ପୂଜ୍ୟପୂଜା, ପଣ୍ଡିତ ତ୍ରିପାଠୀଙ୍କ ସାହିତ୍ୟ କୃତି ସମ୍ପର୍କରେ କହିଥିଲେ। ଡ.ଗୌତମ ଜେନା ଆଲୋଚକଭାବେ ଯୋଗଦେଇ ପଣ୍ଡିତ ତ୍ରିପାଠୀଙ୍କ କିଶୋର ଓ ଉପନ୍ୟାସ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ମହେଶ୍ୱର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୂର୍ବତନ ସମ୍ପାଦକ ହୃଷୀକେଶ ସାମଲ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ଏହି ଅବସରରେ କଲ୍ୟାଣୀ ରଥ ଷଡ଼ଙ୍ଗୀଙ୍କ କବିତା ପୁସ୍ତକ ‘ସଞ୍ଜ ଆଳାପ’କୁ ଅତିଥି ଲୋକାର୍ପଣ କରିଥିଲେ। ପରେ ଡ. କୃତ୍ତିବାସ ନାୟକଙ୍କୁ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର, ଶକୁନ୍ତଳା ଦାଶଙ୍କୁ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ସମ୍ମାନ, ଡ. ରଶ୍ମିତା ତ୍ରିପାଠୀଙ୍କୁ ଗୋକର୍ଣ୍ଣିକା ପ୍ରବନ୍ଧ ସମ୍ମାନ, ଅନସୂୟା ମିଶ୍ରଙ୍କୁ ଗୋକର୍ଣ୍ଣିକା ଗଳ୍ପ ସମ୍ମାନ, ସଂଯୁକ୍ତା ମହାନ୍ତିଙ୍କୁ ଗୋକର୍ଣ୍ଣିକା ଉପନ୍ୟାସ ସମ୍ମାନ, ନିର୍ମଳାବାଳା ମିଶ୍ରଙ୍କୁ ଗୋକର୍ଣ୍ଣିକା ଅନୁବାଦ ସମ୍ମାନ, ସନ୍ଧ୍ୟା ଘଡ଼େଇଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ ପ୍ରଦାନ କରାଯାଇଥିଲା। ମାନପତ୍ରଗୁଡ଼ିକୁ ଲୋପାମୁଦ୍ରା ଜେନା, ମିନତି ସାହୁ ଓ ଗାୟତ୍ରୀ ନାୟକ ପାଠ କରିଥିଲେ। ଅତିଥିଙ୍କୁ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ରାଜକିଶୋର ପାଢ଼ୀ, ଅବିନେଶ୍ୱର ଶତପଥୀ, ଡ. ପ୍ରିୟନାଥ ମହାପାତ୍ର ଓ ବଟକୃଷ୍ଣ ପରିଡ଼ା ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଓ ପଣ୍ଡିତ ତ୍ରିପାଠୀଙ୍କ ରଚିତ ହେ ମୋର ଅନ୍ତର୍ଯ୍ୟାମୀ ପରିବେଷଣ କରାଯାଇଥିଲା। ସରସ୍ୱତୀ କଳା ନିକେତନ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ପୂଜ୍ୟପୂଜାଙ୍କୁ ସମ୍ମାନ

ରସୁଲପୁର,୧୦।୯(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ମାଣତୀର ଗ୍ରାମରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳନ ଅବସରରେ ନନ୍ଦରାଜାଙ୍କ ନଗର ପରିକ୍ରମା ଏବଂ ପୂଜ୍ୟପୂଜାଙ୍କୁ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନନ୍ଦରାଜାଙ୍କ ଗୋପପୁରରୁ ବୃନ୍ଦାବନ ଯାତ୍ରା ସମୟରେ ବାଟରେ ଉଗ୍ରସେନ ଦର୍ଶନ ହୋଇଥିଲା। ରାଜାଙ୍କ ସାଥିରେ ରାମ, କୃଷ୍ଣ, ବଳରାମ, ହନୁମାନ, ଶିବ ଓ ରାଧା ଆଦି ନାନା ଚରିତ୍ର ବେଶରେ ଭୂଷିତ ହୋଇ କୁନି କଳାକାରମାନେ ଗ୍ରାମ ପରିକ୍ରମା କରିଥିଲେ। ପରେ ମନ୍ଦିର ପାଖ ସାଂସ୍କୃତିକ ମଞ୍ଚ ନିକଟରେ ଦଧିଭାଣ୍ଡ ଭଙ୍ଗା ଯାଇଥିଲା। ଏହାପରେ ପୂଜ୍ୟପୂଜା ସମ୍ମାନ ଉତ୍ସବ ନନ୍ଦରାଜା ପ୍ରମୋଦ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ପୋଲିସ ଅଧିକାରୀ ଅମିତାଭ ମହାପାତ୍ର, ସମ୍ମାନିତ ଅତିଥି ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି ମାଣତୀର ଗ୍ରାମବାସୀଙ୍କ ଉଦ୍ୟମରେ ପ୍ରାଚୀନ କଳା ଓ ସଂସ୍କୃତି ବଞ୍ଚି ରହିପାରିଛି ବୋଲି କହିଥିଲେ। ଏଥିସହିତ ପରମ୍ପରାକୁ ବଜାୟ ରଖି ବିଭିନ୍ନ ସାମାଜିକ କାର୍ଯ୍ୟ କରାଯାଉଥିବାରୁ ଆୟୋଜକ ମଦନମୋହନ ଜୀଉ ସାଂସ୍କୃତିକ ପରିଷଦକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସରୋଜ କୁମାର ରାଉତ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡା. ନିର୍ମଳ ଚନ୍ଦ୍ର ସାହୁ, ସାହିତ୍ୟରେ ମନୋରଞ୍ଜନ ମହାନ୍ତି, ପ୍ରତିଭା କର, ମଧୁସ୍ମିତା ଦାଶ ଓ ଅନୁଷ୍ଠାନ ଭାବେ କପିଳେଶ୍ୱର ଯୁବକ ସଂଘକୁ ସମ୍ମାନିତ କରାଯାଇଥିଲା। ୬୦୦ଲୋକଙ୍କୁ ବସ୍ତ୍ର ଓ ଅନ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଗ୍ରାମବାସୀଙ୍କୁ ଔଷଧୀୟ ଚାରା ବଣ୍ଟନ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ତାନସେନ୍ ସିଂ ଯୋଗଦେଇଥିଲେ। ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଦିନତମାମ ଘୃତଯଜ୍ଞ, ଅନ୍ନଯଜ୍ଞ, ଗୀତା ଓ ବେଦପାଠ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଷଦର କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ବିଭିନ୍ନ ସେବାରେ ନିୟୋଜିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଉଛି।

# ଏଥର ଡାଣ୍ଡିଆ ନୃତ୍ୟ ମଜା ଉଠାଇବେ ଧର୍ମଶାଳାବାସୀ



ସତ୍ୟଜିତ ଇଭେଣ୍ଟ୍ ଆଣ୍ଡ ସେଲିବ୍ରେଶନ ପକ୍ଷରୁ ଖବରଦାତା ସମ୍ମିଳନୀରେ ପୋଷ୍ଟର ପ୍ରଦର୍ଶନ କରାଯାଉଛି।

ଧର୍ମଶାଳା,୧୦।୯(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଏଥର ଦଶହରା ଅବସରରେ ପ୍ରଥମଥର ପାଇଁ ଦାଣ୍ଡିଆ ନୃତ୍ୟ ସାଙ୍ଗକୁ ବାହାର ଦେଶର ସୁସ୍ୱାଦୁ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଲୋକେ ଦାଣ୍ଡିଆ ନୃତ୍ୟ ଦେଖିବା ସହିତ ବାହାରଦେଶର ବିଭିନ୍ନ କିସମର ଖାଦ୍ୟର ମଜା ନେଇ ପାରିବେ। ଆସନ୍ତା ଦୁର୍ଗାପୂଜା ଅକ୍ଟୋବର ୨୧ରୁ ୨୪ ତାରିଖ ଦଶହରା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭୁବନେଶ୍ୱରସ୍ଥିତ ସତ୍ୟଜିତ ଇଭେଣ୍ଟ୍ ଆଣ୍ଡ ସେଲିବ୍ରେସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜସ୍ଥାନର ଦାଣ୍ଡିଆ, ଗୁଜରାଟର ଗର୍ଭା ନୃତ୍ୟ ପରିବେଷଣ କରାଯିବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ଗାୟକ ଏବଂ ସିନେ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ରବିବାର ଜାରକାସ୍ଥିତ ଧର୍ମଶାଳା ପ୍ରେସ୍‌କ୍ଲବରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅଧକ୍ଷ ସତ୍ୟଜିତ ଲେଙ୍କା ସୂଚନା ଦେଇଛନ୍ତି। ୪ ଦିନବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପ୍ରତ୍ୟହ ସନ୍ଧ୍ୟା ୭ଟା୩୦ରୁ ରାତି ୧୦ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଟକେଟର ମୂଲ୍ୟ ୨୯୯ ଟଙ୍କା ରଖାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କଳାକାର ନୃତ୍ୟ ପରିବେଷଣର ସୁଯୋଗ ପାଇପାରିବେ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ମୁସକାନ ଅଗ୍ରୱାଲ, ଜିତେନ୍ଦ୍ର ସାମଲ, ପ୍ରବୀନ କୁମାର ସ୍ୱାଇଁ ଓ ବିଶ୍ୱଜିତ ମଲ୍ଲିକ ଉପସ୍ଥିତ ଥିଲେ।

## ଚୋରା ଡାକବାଜି ଯନ୍ତ୍ରାଂଶ କିଣି ୨ କୋର୍ଟଚାଲାଣ

ରସୁଲପୁର,୧୦।୯(ରଞ୍ଜିତ ରାଉତ):

ଚୋରା ଡାକବାଜି ଯନ୍ତ୍ରାଂଶ କିଣିବା ଅଭିଯୋଗରେ କୁଆଖିଆ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ନଠୁଆବର ଗ୍ରାମର ମିନା ଓରଫ୍ ଲକ୍ଷ୍ମୀଧର ସାହୁ(୩୩) ଓ ଜାବରା ଗ୍ରାମର ଶ୍ରୀଧର ସାହୁ(୬୫)। ଉଭୟ ଟେଣ୍ଟ ହାଉସ ମାଲିକ। ସେମାନେ କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ ଆଦମପୁର ଗ୍ରାମର ଭୁଆ ଓରଫ୍ ବିକାଶ ଦାଶଙ୍କଠାରୁ ଚୋରା ଡାକବାଜି ଯନ୍ତ୍ରାଂଶ(୨ ଏସ୍‌ଏସ୍‌ଏ-୨୫୦ ୟୁନିଟି ମେଶିନ)କୁ ୫ ହଜାର ଓ ୬ହଜାର ଟଙ୍କା ଦେଇ କ୍ରୟ କରିଥିଲେ। ଭୁଆ ବିଭିନ୍ନ ମନ୍ଦିରରୁ ଡାକବାଜି ଯନ୍ତ୍ରାଂଶଗୁଡିକୁ ଚୋରିକରି ଟେଣ୍ଟହାଉସ ମାଲିକମାନଙ୍କୁ ବିକ୍ରିକରି କରି ଆସୁଥିଲେ। ଉକ୍ତ ଚୋରିକୁ ନେଇ ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ୨ଟି ମେଶିନ ଜବତ କରିଥିଲା। ଜବତ ମେଶିନ ମନ୍ଦିରର ସତ୍ତ୍ୱାଧିକାରୀମାନଙ୍କୁ ଫେରାଇ ଦିଆଯିବ ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି। ଏହି ଚୋରିରେ ସମ୍ପୃକ୍ତ ଥାଇ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ କେବେ କାବୁ କରିବାରେ ସଫଳ ହେଉଛି ତା'କୁ ଦେଖିବାକୁ ଅପେକ୍ଷା ରହିଛି।

## ଇଙ୍ଗା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କାଳିଆପାଣି,୧୦।୯(ଅସିତ ମହାନ୍ତ):

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ କାର୍ଯ୍ୟରତ ଇଙ୍ଗା କମ୍ପାନୀର ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସ୍ଥାନୀୟ ଅଞ୍ଚଳର ନିରକ୍ଷର ମହିଳାଙ୍କୁ ସାକ୍ଷର କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିଙ୍ଗୁଡ଼ିପାଳ ପଞ୍ଚାୟତ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରେଣୁକା ଦେହୁରି ମୁଖ୍ୟଅତିଥିଭାବେ ଯୋଗଦେଇଥିବା ବେଳେ ସୌରିକ ହାଇସ୍କୁଲର ପ୍ରଧାନଶିକ୍ଷକ ଶରତ ମହାନ୍ତ ଅତିଥିଭାବେ ଯୋଗ ଦେଇଥିଲେ। ଇଙ୍ଗାର ମେକାନିକାଲ ବିଭାଗ ମୁଖ୍ୟ ଦିଲୀପ ପାତ୍ର, ପ୍ରଶାସନିକ ମୁଖ୍ୟ ଦ୍ୟୁତିରାଜ ଜଗଦାନନ୍ଦ ନାୟକ ଓ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କର ଯୋଗଦେଇ ବିଗତ ବର୍ଷର କୃତୀ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆଗାମୀ ବର୍ଷ ପାଇଁ ୪ କେନ୍ଦ୍ରରେ ନାମ ଲେଖାଇ ଥିବା ମହିଳାମାନଙ୍କୁ ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଥିଲା। ଏଥିସହିତ କମ୍ପାନୀ ପକ୍ଷରୁ ୨୦୧୯ରୁ ଚିଙ୍ଗୁଡ଼ିପାଳ, ବରଗଜି, କଅଁସ ଓ ବେଣାଗାଡ଼ିଆଠାରେ ଚାଲିଥିବା ବିଭିନ୍ନ ଶିକ୍ଷାକେନ୍ଦ୍ରରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ନିରକ୍ଷର ମହିଳାଙ୍କୁ ଶିକ୍ଷାଦାନ କରାଯାଉଛି ବୋଲି ସୂଚନା ଦିଆଯାଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଟ୍ରକ୍ ସହ ଧକ୍କାରେ ମାଲବାହୀ ଅଟୋ ଚାଳକ ମୃତ

ତିହିଡ଼ି,୧୦।୯(ସଞ୍ଜିତବଳ):

ଭଦ୍ରକ-ଚାନ୍ଦବାଲି ରାସ୍ତାର ଫତେପୁର ଛକରେ ରବିବାର ମଧ୍ୟାହ୍ନରେ ଏକ ଟ୍ରକ୍ ସହ ମାଲବାହୀ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଭଦ୍ରକ ବ୍ଲକ ସାବରଙ୍ଗ ଥାନା ଅଧୀନ କେଦାରପୁର ଗ୍ରାମର ଲକ୍ଷ୍ମୀଧର ଜେନା (୩୫)। ସୂଚନା ଅନୁଯାୟୀ, ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିବା ଟ୍ରକ୍ ସହ ତିହିଡ଼ି ଅଭିମୁଖେ ଯାଉଥିବା ଅଟୋ ଧକ୍କା ହୋଇଥିଲା। ଗୁରୁତର ଅଟୋ ଚାଳକଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ଶପଥ ଗ୍ରହଣ



ଶପଥ ଗ୍ରହଣ ଉତ୍ସବରେ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା।

ବଡ଼ଚଣା,୧୦।୯(ଦିଲୀପ ମହାନ୍ତି):

ଚଣ୍ଡିଖୋଲ ଛକସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ରବିବାର ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଓ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପରିଚାଳନା କମିଟି ଅଧକ୍ଷ ଶେଷଦେବ ନାୟକଙ୍କ ଅଧ୍ୟକ୍ଷତା ଓ ଆବାହକ କ୍ଷୀରୋଦ ଚନ୍ଦ୍ରମାହାଲାଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ସଭାପତି ଭାବେ ପୁଷ୍ପରାଜ ନାୟକ, ଉପସଭାପତି ମାନସ ରଞ୍ଜନ ନାୟକ, ସମ୍ପାଦକ କିର୍ତ୍ତିରାଜ ସ୍ୱାଇଁ, ସହସମ୍ପାଦକ ବିଶ୍ୱଜିତ ବିଶ୍ୱାଳ, କୋଷାଧକ୍ଷ ଭାବେ ଜାହିଦ ଖାଁଙ୍କୁ ପଦ ଓ ଗୋପନିୟତାର ଶପଥ ପାଠ କରାଯାଇଛି। ଏଥିସହ ଉପଦେଷ୍ଟା ଭାବେ ଚନ୍ଦନ କୁମାର ନାୟକ, ଉମେଶ ଚନ୍ଦ୍ର ଜେନା, ଦେବ ରଞ୍ଜନ ସ୍ୱାଇଁ, ବିନୋଦ ବିହାରି ବିଶ୍ୱାଳ, ପ୍ରଶାନ୍ତ କୁମାର ନାୟକ ଓ ମୁଖପାତ୍ର ସତ୍ୟବ୍ରତ ଖଣ୍ଡାଇଙ୍କ ସମେତ ୧୫ କାର୍ଯ୍ୟକାରୀ କମିଟି ସଭ୍ୟଙ୍କ ନାମ ଘୋଷଣା କରାଯାଇଛି। ସଂଘ ତରଫରୁ ବରିଷ୍ଠ କର୍ମକର୍ତ୍ତା, ଶିକ୍ଷାବିତ ଓ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ତ୍ରୈଲୋକ୍ୟ ନାୟକ, ବିଜୟପାଲ ଯାଦବ, ସଞ୍ଜୟ କୁମାର ସ୍ୱାଇଁ, ବିନାୟକ ପଣ୍ଡା ଓ ହେମନ୍ତ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଭାପତି ନାୟକ ପ୍ରଥମ ଥର ନିର୍ବାଚିତ ହୋଇଥିବାରୁ ସଂଘ ସଭ୍ୟମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ପରିବହନ କ୍ଷେତ୍ରରେ ସ୍ୱଚ୍ଛତା ଆଣିବାକୁ ସେମାନଙ୍କ ସହଯୋଗ କାମନା କରିଥିଲେ। ସମ୍ପାଦକ ସ୍ୱାଇଁ ସଂଘର ଏକତା, ଅଖଣ୍ଡତା ଓ ଭାଇଚାରା ଉପରେ ଗୁରୁତ୍ୱ ଆରୋପ କରିଥିଲେ।

# ସଂସ୍କୃତ ଭାଷା ବିଶ୍ୱରେ ବିରଳ

**ଜିଲାସ୍ତରୀୟ ସଂସ୍କୃତ ସମ୍ମିଳନୀ**

ଯାଜପୁର,୧୦।୯
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ପୁରାତନ ସଂସ୍କୃତ ଛାତ୍ର ସଂସଦ ଓ ସଂସ୍କୃତ ଟୋଲ ଶିକ୍ଷକ ସଂଘର ମିଳିତ ଆନୁକୂଲ୍ୟରେ ବିରଜା ସଂସ୍କୃତ ଟୋଲ୍ ପରିସରରେ ଜିଲାସ୍ତରୀୟ ସଂସ୍କୃତ ସମ୍ମିଳନୀ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାରୋହକୁ ମୁଖ୍ୟଅତିଥି ପଣ୍ଡିତ ବସନ୍ତ କୁମାର ପତି ଉଦ୍‌ଘାଟନ କରି ସଂସ୍କୃତ ସମ୍ମାନ ଅମୃତ ଭାଷା ବିଶ୍ୱରେ ବିରଳ। ସଂସ୍କୃତର ଅନେକ ମର୍ଯ୍ୟାଦାକୁ ସୁରକ୍ଷିତ କରି ରଖିବାକୁ ସେ ସମସ୍ତ ସଂସ୍କୃତ ପଣ୍ଡିତ ଓ ଛାତ୍ର ସମାଜକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଛାତ୍ରସଂଗଠନର ସଂଯୋଜକ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବରେଣ୍ୟ ଅତିଥି ଭାବେ ଜିଲା ସଂସ୍କୃତ ଟୋଲ ଶିକ୍ଷକ ସଂଘର ସମ୍ପାଦକ ନରହରି ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପଣ୍ଡିତ ଅଜୟ କୁମାର ନନ୍ଦ ଓ ସରସ୍ୱତୀ ବେହେରା ସଂସ୍କୃତ ଶିକ୍ଷାନୁଷ୍ଠାନର ଉନ୍ନତି ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତାଭାବେ ଡ. ଜ୍ଞାନରଞ୍ଜନ ପତି ଯୋଗଦେଇ ବିଶ୍ୱର ପ୍ରାଚୀନ ଗ୍ରନ୍ଥ ବେଦରେ ସମସ୍ତ ବୈଜ୍ଞାନିକ ସୂତ୍ର ବିହିତ ଅଛି ବୋଲି ବୈଜ୍ଞାନିକମାନେ ସ୍ୱୀକାର କରି ଏହାର ଅଧିକ ଗବେଷଣା ନିମିତ ସଂସ୍କୃତାନୁରାଗୀମାନଙ୍କ ପାଇଁ ଅଭିନନ୍ଦନୀୟ ବିଷୟ ବୋଲି କହିଥିଲେ। ଏହି ଅବସରରେ ଜିଲା ସଂସ୍କୃତ ଟୋଲ୍ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ଗୀତାଶ୍ଳୋକାବୃତି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ଟୋଲ ଗୁଡ଼ିକରେ ଅଧାପନ କରି ସେବାନିବୃତ୍ତ ହୋଇଥିବା ୩୦ଜଣ ପଣ୍ଡିତ ଓ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା।। ଉତ୍ସବରେ ଗଣେଶ ଚନ୍ଦ୍ର ପାଣି, ପଣ୍ଡିତ ଅଜିତ କୁମାର ଦାଶ, ସୂର୍ଯ୍ୟମଣି ବେଦୀ, ଚନ୍ଦ୍ରଶେଖର ନନ୍ଦ, ପଣ୍ଡିତ ବାସୁଦେବ ମିଶ୍ର, ରମାମଣି ଦେବତା, ପ୍ରସନ୍ନ ପାଣିଗ୍ରାହୀ ଓ ପିତାମ୍ବର ପଣ୍ଡା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ବିରଜା ସଂସ୍କୃତ ଟୋଲ୍‌ର ଶିକ୍ଷକ, କର୍ମଚାରୀ, ପୁରାତନ ଛାତ୍ର ଓ ଟୋଲ୍ ଶିକ୍ଷକ ସଂଘର ସମସ୍ତ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ। ସଭାପ୍ରାରମ୍ଭରେ ପଣ୍ଡିତ ଅନିରୁଦ୍ଧ ପଣ୍ଡା ବେଦପାଠ କରିଥିବାବେଳେ ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତା ଧନ୍ୟବାଦ ଦେଇଥିଲେ।



ଜିଲାସ୍ତରୀୟ ସଂସ୍କୃତ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ଭାଜପାର ମିଶ୍ରଣ ପର୍ବ

ରାଜକନିକା,୧୦।୯(ସଞ୍ଜୟ କୁମାର ଦାଶ): ରାଜକନିକା ଅଶୋକ ବଜାରଠାରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ପ୍ରାଧ୍ୟାପକ ବୈକୁଣ୍ଠ ନାଥ ପରିଡ଼ାଙ୍କ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ତ୍ରୈଲୋକ୍ୟପୁର ପଞ୍ଚାୟତ ଶିଶୁଆ ଗ୍ରାମର ନେତା ଓ କର୍ମୀ ଅନ୍ୟ ଦଳ ଛାଡି ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି । କନିକା ସଦର ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ବରିଷ୍ଠ ଭାଜପା ନେତା ପ୍ରାଧ୍ୟାପକ ପରିଡ଼ା ନୂତନ ଭାବେ ଯୋଗ ଦେଇଥିବା ନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ, ଟୋପି ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଶିଶୁଆ ଗ୍ରାମର ଭାଗୀରଥି ଜେନା, କାଶୀନାଥ ଜେନା, ଅକ୍ଷୟ ନାୟକ, ସରୋଜ ଜେନା ଓ କେଶବ ଜେନା ପ୍ରମୁଖ ଭାଜପାରେ ଯୋଗ ଦେଇ ଖୁସିବ୍ୟକ୍ତ କରିବା ସହ ତୃଣମୂଳସ୍ତରରୁ ଭାଜପା ସଙ୍ଗଠନକୁ ମଜଭୁତ କରିବା ପାଇଁ ସଙ୍କଳ୍ପ ନେଇଥିଲେ ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରୀକ୍ଷା କର୍ମଶାଳା

ପଟ୍ଟାମୁଣ୍ଡାଇ,୧୦।୯(କଳ୍ପତରୁ ନାୟକ): ଓଡ଼ିଶା ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୁଇ ଦିନିଆ ପରୀକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିକାଶ ସମିତି ପ୍ରାନ୍ତୀୟ ପରୀକ୍ଷା ସଂଯୋଜକ ମନୋଜ ଦାସ, କେନ୍ଦ୍ରାପଡ଼ା ବିଭାଗ ନିରୀକ୍ଷକ ଡ଼ ଲକ୍ଷ୍ମଣ ମହାନ୍ତି ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବାବେଳେ ପରିଚାଳନା କମିଟି ସଭାପତି ପ୍ରମୋଦ ନାୟକ ଯୋଗ ଦେଇ ପରୀକ୍ଷା ପରିଚାଳନା, ପ୍ରଶ୍ନପତ୍ର ପ୍ରସ୍ତୁତି ଓ ମୂଲ୍ୟାୟନ ଉପରେ ପ୍ରଶିକ୍ଷଣ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସହକାରୀ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ସାହୁ ଧନ୍ୟବାଦ ଦେଇଥିଲେ । ଏଥିରେ ଜିଲାର ୩୫ ଶିଶୁ ବିଦ୍ୟାମନ୍ଦିରର ୬୭ଜଣ ପ୍ରଧାନଆଚାର୍ଯ୍ୟ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ୩୦ ଆଚାର୍ଯ୍ୟା ଆଚାର୍ଯ୍ୟ ପରିଚାଳନା କରିଥିଲେ ।

### ଖଣ୍ଡାୟତ ସମାଜର ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୧୦।୯(କଳ୍ପତରୁ ନାୟକ): ପଟ୍ଟାମୁଣ୍ଡାଇ ରାମମନ୍ଦିର ପ୍ରାଙ୍ଗଣରେ ରବିବାର ଖଣ୍ଡାୟତ ସମାଜର ପ୍ରସ୍ତୁତି ବୈଠକ ଆଇନଜୀବୀ ଭୀମସେନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରତ୍ୟେକ ପଞ୍ଚାୟତସ୍ତରରୁ ପ୍ରତିନିଧିମାନଙ୍କୁ ନେଇ ଆଗାମୀ ଦିନରେ ବୈଠକ କରିବା ପାଇଁ ସ୍ଥିର କରାଯାଇଥିଲା । ଏହି ବୈଠକରେ କଳ୍ପତରୁ ନାୟକ, ରିତ ପ୍ରଧାନ, ଅମୂଲ୍ୟ ପରିଡା, ନରେଶ ଜେନା, ଆଇନଜୀବୀ ସୌମ୍ୟ ରଞ୍ଜନ ଧଳ, ପ୍ରବୀର ପାତ୍ର, ବ୍ରଜକିଶୋର ନାୟକ, ସୁରେନ୍ କୁମାର ଜେନା,ସ୍ୱରୂପା ନନ୍ଦ ସାମଲ,ହେମନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଦିବ୍ୟାଙ୍ଗ ଗୋପାଳଙ୍କୁ ମିଳିଲା ନାହିଁ ଘର

- ମୁଖ୍ୟମନ୍ତ୍ରୀ ପ୍ରକୋଷ୍ଠରେ ଦାଖଲ କରିଥିଲେ ଅଭିଯୋଗ ପତ୍ର
- ତଦନ୍ତ ପାଇଁ ପଞ୍ଚାୟତକୁ ଦିଆଯାଇଥିଲା ନିର୍ଦ୍ଦେଶ
- ଅନଶନ ପାଇଁ ଗୋପାଳଙ୍କ ଚେତାବନୀ

ମହାକାଳପଡ଼ା,୧୦।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜାତି ଓ ଜନଜାତିଙ୍କ ବିକାଶ ପାଇଁ ତୃଣମୂଳସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ଅଦ୍ୟାବଧି ଉପରୋକ୍ତ ଯୋଜନା ଦିବ୍ୟାଙ୍ଗ ଗୋପାଳଙ୍କ ପାଖରେ ପହଞ୍ଚି ପାରୁନି ବୋଲି ଅଭିଯୋଗ ହୋଇଛି । କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ବାହାକୁଦ ଗ୍ରାମର ଫେରିଘାଟ କୂଳରେ ଛୋଟ ପାନ ଦୋକାନ କରି ପେଟ ପୋଷୁଛନ୍ତି ଗୋପାଳ ଚନ୍ଦ୍ର ବେହେରା(୪୪) । ଦିନ ସାରା ଗ୍ରାହକଙ୍କୁ ପାନ ଭାଙ୍ଗି ଦେବା ପରେ ମାତ୍ର ୩ଶହ ଟଙ୍କା ରୋଜଗାର କରିଥାଆନ୍ତି ସେ । ସେଥିରେ ତାଙ୍କ ଘର ଚଳେ । ବିଭିନ୍ନ ସାମଗ୍ରୀର ଅହେତୁକ ମୂଲ୍ୟ ଯୋଗୁ ମାସିକ ଭଡ଼ା, ଚାଉଳ ମୁଠେରେ କିପରି ସଂସାର ଚଳିବ ବୋଲି ଗୋପାଳ ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆମମାନଙ୍କ ଦୁଃଖ ବୁଝିବେ ବୋଲି କହିଥିଲେ । ସେଥିପାଇଁ ଗୋପାଳ


ଫେରି ଘାଟରେ ପାନ ଦୋକାନ କରିଥିବା ଗୋପାଳ ।

ଗତ ଜୁଲାଇ ୧୯ରେ ଆଣ୍ଠେଇ ଆଣ୍ଠେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ନିଜର ଦୁଃଖ ଜଣାଇବା ଯାଇଥିଲେ । ହେଲେ ଦାୟିତ୍ୱରେ ଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଛାଡି ନ ଥିଲେ । ସେମାନେ ଏକ ଟୁକନ୍ ଧରାଇ ଦେଇ ଗୋପାଳଙ୍କୁ କହିଥିଲେ ତୁମେ ଘରକୁ ଯାଅ । ଆମେ ପଞ୍ଚାୟତକୁ ମେସେଜ ପଠାଇବୁ । ଜୁଲାଇ ୨୭ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ରାମନଗର ପଞ୍ଚାୟତ କାର୍ଯ୍ୟାଳୟକୁ ଏକ ମେସେଜ ଆସିଥିଲା । ସେଥିରେ ନିର୍ଦ୍ଦେଶ ଥିଲା ଅଭିଯୋଗ ପତ୍ର ତଦନ୍ତ କରି ତୁରନ୍ତ କାର୍ଯ୍ୟକାରୀ କର । ହେଲେ ସେହି ନିର୍ଦ୍ଦେଶ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ । ଆବାସ ଯୋଜନା ଘର ନ ମିଳିଲେ ବାଧ ହୋଇ ସେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ ବିଡ଼ିଓ ସାଗର କୁମାର ନନ୍ଦଙ୍କୁ ପଚାରିବାରୁ ସୋମବାର ଅଭିଯୋଗ ପତ୍ର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ଭାଲୁକୁଣି ଓଷା ପାଇଁ ଡେରାବିଶ ଉତ୍ସବମୁଖର


ଝିଅମାନେ ନଦୀକୂଳରେ ବାଲୁକା ପୂଜା କରୁଛନ୍ତି ।

ଡେରାବିଶ,୧୦।୯ (ବେବର୍ତ୍ତା ଅଜୟ ଦାସ)

ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା, ସାଧବ ପୁଅ ଓ ତପୋଇର ସଂସ୍କୃତିକୁ ଉଜ୍ଜୀବିତ ରହିଛି ଡେରାବିଶ ବ୍ଲକ ଅଞ୍ଚଳରେ । ଭାଦ୍ରବ ମାସର ପ୍ରଥମ ରବିବାର ଅଗଷ୍ଟ ୨୭ ତାରିଖରେ ଆରମ୍ଭ ହୋଇଥିଲା । ସେପ୍ଟେମ୍ବର ୨୪ ତାରିଖରେ ଶେଷ ହେବାକୁ ଥିବା ଏହି ଭାଲୁକୁଣି ଓଷା ପାଇଁ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଗାଁ ଉତ୍ସବ ମୁଖର ହୋଇଛି । ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ଗାଁ ଭିତରେ ପୂଜା ପାଉଥିବା ଭାଲୁକୁଣିଙ୍କ ମୃଣ୍ମୟୀ ମୂର୍ତ୍ତି ନିକଟରେ ଗାଁର ଯୁବତୀମାନେ ଓଷା ବହି ପଢିବା ସହ ମା'ଙ୍କୁ ପୂଜା କରିଥାନ୍ତି । ବ୍ଲକ ଅଧୀନ ପଲ୍ଲି ରଘୁନାଥପୁର ଗାଁର ମହିଳା ଶ୍ରୀୟା ରାୟ କୁହନ୍ତି, ସାଧବ ସାତ ଭାଇଙ୍କ ମଙ୍ଗଳ ମନାସିଥିବା ଭଉଣୀ ତପୋଇ ଭାଦ୍ରବ ମାସରେ ମଙ୍ଗଳାଙ୍କ ନିକଟରେ ପାଞ୍ଚଟି ରବିବାର ପୂଜା କରିଥିଲେ । ସାତ ଭାଇଙ୍କ ଅନୁପସ୍ଥିତିରେ ତପୋଇଙ୍କୁ ସାଧବ ୬ ବୋହୂଙ୍କ ନିର୍ଯାତନା ଏହି ପୂଜା ଦ୍ୱାରା ବନ୍ଦ ହେବା ସହ ନୌବାଣିଜ୍ୟ କରିବାକୁ ଯାଇଥିବା ସାଧବ ସାତଭାଇ କୁଶଳରେ ଫେରିଥିଲେ ବୋଲି ଶ୍ରୀୟା କହିଛନ୍ତି । ରବିବାର ଦ୍ୱିତୀୟ ପାଳିରେ ମାଙ୍କ ପୂଜା ପାଇଁ ବିଭିନ୍ନ ଗାଁରେ ଥିବା ଜଳାଶୟ, କେନାଲ ଓ ନଦୀ କୂଳରେ ଯୁବତୀମାନେ ବାଲୁଙ୍କା ପୂଜା କରିବାସହ ସନ୍ଧ୍ୟାରେ ମାଙ୍କ ପୂଜା କରିଥିଲେ । ବ୍ଲକ ଅଧୀନ ଇଙ୍ଗାଳୋ ପଞ୍ଚାୟତ ଅଡଙ୍ଗା ଗ୍ରାମ ଦେଇ ଯାଇଥିବା ଖାନନଗର ମାଇନର କୂଳରେ ଆଜି ବାଲୁଙ୍କା ପୂଜା କରାଯାଇ ସନ୍ଧ୍ୟାରେ ମା'ଙ୍କ ପୂଜା ହୋଇଥିବା ରୋଜାଳିନି ଜେନା, ରାଜଲକ୍ଷ୍ମୀ ଜେନା ଓ ବୈଶାଖୀ ଜେନା କହିଛନ୍ତି ।

# ରାଜକନିକା ବ୍ଲକ ବିଜେଡିର କାର୍ଯ୍ୟକାରିଣୀ

ରାଜକନିକା,୧୦।୯(ସଞ୍ଜୟ କୁମାର ଦାଶ): ରାଜକନିକା ବ୍ଲକ ବିଜୁ ଜନତା ଦଳ ଓ ବ୍ଲକ ବିଜୁ ଯୁବ ଜନତା ଦଳର ପଞ୍ଚାୟତସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କାଳିକାପୁରସ୍ଥିତ ମା'କାଳୀଙ୍କ ପୀଠରେ ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା ଓ ବ୍ଲକ ଯୁବ ବିଜେଡି ସଭାପତି ଅୟସ କୁମାର ସାମଲଙ୍କ ଆବାହକତ୍ୱରେ ଆଜିର ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ବିଜେଡି ନେତା ତଥା ବିଧାୟକଙ୍କ


କାର୍ଯ୍ୟକାରିଣୀ ବୈଠକରେ ଦଳୀୟ ନେତୃବୃନ୍ଦ ।

ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ଯୁବନେତା ତଥା ଏମ୍ପିଙ୍କ ପ୍ରତିନିଧି ପବିତ୍ର ରାଉତ, ତିନି ଜିଲା ପରିଷଦ ଜୋନ ସଭ୍ୟ ପ୍ରତାପ କୁମାର ବେହେରା, ଅମିତା ସାହୁ, ପ୍ରବୀଣା ଦାସଙ୍କ ସମେତ ୨୯ଟି ପଞ୍ଚାୟତର ନବଗଠିତ ପଞ୍ଚାୟତସ୍ତରୀୟ ସଭାପତି, ପଞ୍ଚାୟତସ୍ତରୀୟ କାର୍ଯ୍ୟକର୍ତ୍ତା ଓ ଜିଲାସ୍ତରୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ମା'ମାଟିଆ ମଙ୍ଗଳା ଯୁବ ପରିଷଦ ପକ୍ଷରୁ ତାଳମଞ୍ଜି ରୋପଣ

ରାଜନଗର,୧୦।୯(ଭାସ୍କର ରାଉତରାୟ): ରାଜନଗର ବ୍ଲକ ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତର ମା'ମାଟିଆ ମଙ୍ଗଳା ଯୁବ ପରିଷଦ ପକ୍ଷରୁ ଖାଡ଼କଟାଠାରୁ ଲୋକନାଥପ୍ରସାଦ ଯାଏ ବ୍ରାହ୍ମଣୀ ନଦୀ ତଟରେ ପ୍ରାୟ ୨ କିମି ରାସ୍ତାର ପାର୍ଶ୍ୱରେ ୧ ହଜାରରୁ ଉର୍ଦ୍ଧ୍ୱ ତାଳ ମଞ୍ଜି ରୋପଣ କରାଯାଇଛି । ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ଯୁବ ପରିଷଦ ସଭାପତି ଅପୂର୍ବ ମିଳନ ରାଉଳଙ୍କ ନେତୃତ୍ୱରେ କ୍ଲବର ଉପଦେଷ୍ଟା ସମୀର ମିଶ୍ର, ରଞ୍ଜନ ରାଉଳ, ମାନସ ରଞ୍ଜନ ମିଶ୍ର, ଅଭିରାମ ରାଉଳ, ବନୋଜ ବରାଳ, ଟୁଟୁ ରାଉଳ, ପ୍ରକୃତିବନ୍ଧୁ ଶିକ୍ଷକ ମହେଶ୍ୱର ମହାନ୍ତି ପ୍ରମୁଖ ସାମିଲ ହୋଇ ତାଳ ମଞ୍ଜି ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ପରିଷଦର ଉପସଭାପତି ମହେଶ୍ୱର ବେହେରା, କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଚୋରାମଦ ଜବତ : ଜଣେ ଗିରଫ

କୁଜଙ୍ଗ,୧୦।୯ (ମନୋଜ ପ୍ରଧାନ): କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠ ବାଲିସାହି ଗ୍ରାମର ସୁଶାନ୍ତ ପଲାଇଙ୍କ ଘର ଉପରେ ଶନିବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ୧୦ ଲିଟର ମଦ ଜବତ କରିଛି । ଏହି ଅଭିଯୋଗରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏନେଇ ଥାନାରେ ମାମଲା ନଂ. ୪୧୨/୨୩ ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି ।

# କର୍ମଜୀବୀ ସାମ୍ବାଦିକ ସଂଘର ଜିଲାସ୍ତରୀୟ ବୈଠକ

କେନ୍ଦ୍ରାପଡ଼ା,୧୦।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହର ନିକଟ ନାଉପାଳ ମଠ ପରିସରରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ମହେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଙ୍ଗଠନିକ ଶକ୍ତି ବୃଦ୍ଧି, କର୍ମକୁଶଳତା ପାଇଁ କର୍ମଶାଳା ଆୟୋଜନ ଓ ସାମାଜିକ ସେବା ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ରାଜ୍ୟ ସଭାପତି ସଞ୍ଜୟ ଦାସ, ଉପାଧ୍ୟକ୍ଷ ରଜନୀକାନ୍ତ ସାମନ୍ତରାୟ, ସରୋଜ ରଞ୍ଜନ ପଟ୍ଟନାୟକ, ମୁଖ୍ୟ ନିର୍ବାଚନ ଅଧିକାରୀ ନୃପକିଶୋର ପଟ୍ଟନାୟକ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଅତିଥିମାନେ ଖବର ସଂଗ୍ରହ ସମୟରେ ସାମାଜିକ ସୁରକ୍ଷା, ଲୋକ ସମ୍ପର୍କକୁ ଗୁରୁତ୍ୱ ଦେଇଥିଲେ । ସାଧାରଣ ଲୋକଙ୍କ ସମସ୍ୟା


ବୈଠକରେ ଯୋଗଦେଇଥିବା ସାମ୍ବାଦିକ ସଂଘର କର୍ମକର୍ତ୍ତା ।

ଉପସ୍ଥାପନ ପାଇଁ ପ୍ରଶାସନିକ ଅଧିକାରୀ, ରାଜନେତାଙ୍କ ସହିତ ସେତୁ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ସାଙ୍ଗଠନିକ ଶକ୍ତିବୃଦ୍ଧି ପାଇଁ ବ୍ଲକ ଓ ପଞ୍ଚାୟତସ୍ତରର ଖବରଦାତାଙ୍କ ସହିତ ନିରନ୍ତର ଯୋଗାଯୋଗ ରଖିବାକୁ ପ୍ରୟାସ କରନ୍ତୁ ବୋଲି ସେମାନେ ମତ ରଖିଥିଲେ । ଏହି ଅବସରରେ ଜିଲା ଶାଖାର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଏଥିରେ ଜିଲା ସଭାପତି ଭାବେ ମହେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ରାଉତ, କୋଷାଧ୍ୟକ୍ଷ ବିଜୟ କୁମାର ଦାସ, ଉପସଭାପତି ଶାନ୍ତିସ୍ୱରୂପ ଭୂୟାଁ, ଯୁଗ୍ମ ସମ୍ପାଦକ ସୁନିଲ କୁମାର ମହାପାତ୍ର, ଭାବଗ୍ରାହୀ ବେହୁରିଆଙ୍କୁ କମିଟିକୁ ନିର୍ବାଚିତ କରାଯାଇଥିଲା ।

# ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଗୋଟିଏ ବିଶ୍ୱ ଗୋଟିଏ ପରିବାର ସମ୍ମାନ



ସେମିନାରରେ ମଞ୍ଚାସୀନ ଅତିଥି ।

ରାଜନଗର,୧୦।୯(ଭାସ୍କର ରାଉତରାୟ): ଚଳିତବର୍ଷ ଜି-୨୦ ସମ୍ମିଳନୀରେ ଭାରତ ଅଧ୍ୟକ୍ଷତା କରୁଥିବାରୁ ଭାରତର ସୁନାମ ସାରା ବିଶ୍ୱରେ ବଢ଼ିଛି । ଚଳିତବର୍ଷ ଜି-୨୦ ସମ୍ମିଳନୀରେ ୱାନ ଆର୍ଥ ୱାନ ଫ୍ୟାମିଲି ୱାନ ଫ୍ୟୁଚର ଥିମ ରହିଛି । ଅର୍ଥାତ୍ ସମଗ୍ର ପୃଥିବୀ ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ ଓ ଗୋଟିଏ ବିଶ୍ୱ ସମ୍ପର୍କରେ ଆଲୋଚନା ହୋଇଛି । ଜି-୨୦ ସମ୍ମିଳନୀର ଗୁରୁତ୍ୱ ଦୃଷ୍ଟିରୁ ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ରାଜଶ୍ରୀ ସାମନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନର ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ ଜି-୨୦ ସମ୍ମିଳନୀ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି ସମ୍ମାନରେ ଅଧ୍ୟାପିକା ଡ. ମୁମୁନ ଦାସ, ଅଧ୍ୟାପିକା ଡ.ପ୍ରଣତୀ ନାୟକ, ଅଧ୍ୟାପକ ପ୍ରଣୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଗୋଟିଏ ବିଶ୍ୱ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିବା ସହ କେବଳ ଜିଡିପି ବୃଦ୍ଧି ନୁହେଁ ବରଂ ବିଶ୍ୱ ପରିବାରରେ ସମସ୍ତ ଦେଶକୁ ଏକତ୍ରିତ କରି ମାନବ ସମାଜର ସାମଗ୍ରୀକ ବିକାଶ ସମ୍ପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନର ଛାତ୍ରୀଛାତ୍ରମାନେ ଯୋଗଦେଇ ସେମିନାର ପେପର ଉପସ୍ଥାପିତ କରିଥିଲେ ।

# ଜିଲା ଖଣ୍ଡାୟତ କ୍ଷତ୍ରିୟ ମହାସଂଘ ସମ୍ମିଳନୀ


କ୍ଷତ୍ରିୟ ମହାସଂଘ ସମ୍ମିଳନୀରେ ଯୋଗଦେଇଥିବା କର୍ମକର୍ତ୍ତା ।

### ସଙ୍ଗଠିତ ବଳ ସମାଜର ବହୁ ସମସ୍ୟା ସମାଧାନ କରିବ

କେନ୍ଦ୍ରାପଡ଼ା, ୧୦।୯ (ଜଗନ୍ନାଥ ଧଳ): ଖଣ୍ଡାୟତ ସମାଜ ସମ୍ମାନର ସହ ବଞ୍ଚିବା ଶିଖିଛି । ଏହାର ଉଦାହରଣ ଆବହମାନ କାଳରୁ ମୋଗଲ ଶାସନର ଆଇନ ଏ ଆକବରୀ ଓ ସାମ୍ପ୍ରତିକ ସମୟର ବିଭିନ୍ନ କାର୍ଯ୍ୟରୁ ମିଳିପାରିବ । ତେବେ ଆଜିର ସାମାଜିକ ଓ ଅର୍ଥନୀତି ବ୍ୟବସ୍ଥା ଏକ ମନ ଓ ଏକ ହୃଦୟ ହୋଇ ଖଣ୍ଡାୟତ କ୍ଷତ୍ରୀୟଙ୍କୁ ରହିବାକୁ ଦେଉନାହିଁ । ଏହି ଖଣ୍ଡାୟତ କ୍ଷତ୍ରିୟ ସମାଜର ସଙ୍ଗଠିତ ବଳ ଗ୍ରାମଠାରୁ ଦେଶ ପର୍ଯ୍ୟନ୍ତ ଥିବା ବିଭିନ୍ନ ସମସ୍ୟାକୁ ସମାଧାନ କରିବା କ୍ଷମତା ରଖିଥିବା କେନ୍ଦ୍ରାପଡ଼ା ଜିଲା ଖଣ୍ଡାୟତ କ୍ଷତ୍ରିୟ ମହାସଂଘ ସମ୍ମିଳନୀରେ କର୍ମକର୍ତ୍ତାମାନେ ମତ ରଖିଛନ୍ତି ।

ସହରର ଗରାପୁରସ୍ଥ ସ୍ୱୟଂସିଦ୍ଧା କଲ୍ୟାଣ ମଣ୍ଡପରେ ଏହି ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଥିଲା । ଜିଲା ସଭାପତି ଶରତ ଚନ୍ଦ୍ର ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସାଙ୍ଗଠନିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ସହ ସାମ୍ପ୍ରତିକ ସମୟରେ ରାଷ୍ଟ୍ର ପାଇଁ କର୍ତ୍ତବ୍ୟକୁ ଗୁରୁତ୍ୱ ଦିଆଯାଇଥିଲା । ଏଥିରେ ମହାସଂଘ ରାଜ୍ୟ ସଭାପତି ଅଶୋକ ଚନ୍ଦ୍ର ଲେଙ୍କା, ଜିଲା ଓ ରାଜ୍ୟର କର୍ମକର୍ତ୍ତା ଶିବାଶିଷ ରାଉତ, ସୁଧାଂଶୁ ଶେଖର ବେଉରା, ନେବଦର୍ଶୀ ସାହୁ, ଗଣେଶ କୁମାର ନାୟକ, ବିରେନ୍ଦ୍ର କୁମାର ରାୟ, ରବିନ୍ଦ୍ର ପରିଡା, ବଦ୍ରୀ ନାରାୟଣ ଜେନା, ସୁମନ୍ତ ସାମନ୍ତରାୟ, ନିରଞ୍ଜନ ରଣସିଂହ ଯୋଗ ଦେଇଥିଲେ । କର୍ମକର୍ତ୍ତାମାନେ ତୃଣମୂଳସ୍ତରରେ ଥିବା ଖଣ୍ଡାୟତ କ୍ଷତ୍ରିୟଙ୍କୁ ଏକାଠି ପାଇଁ ଆହ୍ୱାନ ଦେଇଥିଲେ । ଏଥିପାଇଁ ବ୍ଲକସ୍ତରୀୟ କମିଟି ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ସ୍ଥାପନ, କେନ୍ଦ୍ରପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୟୁନିଭରସିଟିର ମାନ୍ୟତା, ସଂଘ ପାଇଁ ସରକାରୀ ଜମି ଯୋଗାଣ ଓ ଅନ୍ୟ ଦାବି ସମୂହର ପ୍ରସ୍ତାବ ପାରିତ ହୋଇଥିଲା । ପ୍ରାରମ୍ଭରେ ଗୋଲକ ଚନ୍ଦ୍ର ପଡ଼ିହାରୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ସୁଶିଲ କୁମାର ସାମଲ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଚନ୍ଦନ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ନବୀକରଣ ଅପେକ୍ଷାରେ ଡାଇମଣ୍ଡ ଜୁବିଲି ଲାଇବ୍ରେରି

- ଇଂଲଣ୍ଡ ରାଣୀ ଭିକ୍ଟୋରିଆଙ୍କ ହୀରକ ଜୟନ୍ତୀରେ ନିର୍ମିତ
- ଭାଙ୍ଗିଛି ପ୍ରଥମ ବାଳିକା ବିଦ୍ୟାଳୟ, ଅପନ୍ତରାରେ ସୂର୍ଯ୍ୟଘଡ଼ି

କେନ୍ଦ୍ରାପଡା,୧୦।୯(ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହର ପୁରୁଣା ବସଷ୍ଟାଣ୍ଡସ୍ଥିତ ଡାଇମଣ୍ଡ ଜୁବିଲି ଲାଇବ୍ରେରି ଇଂଲଣ୍ଡ ରାଣୀଙ୍କ ସହ ସମ୍ପର୍କ ରହିଛି । ଇଂଲଣ୍ଡ ରାଣୀ ଭିକ୍ଟୋରିଆଙ୍କ ହୀରକ ଜୟନ୍ତୀ ଉପଲକ୍ଷେ ନିର୍ମିତ ରାଜ୍ୟର ପ୍ରଥମ ପବ୍ଲିକ ଲାଇବ୍ରେରି ଏବେ ଗୃହ ନବୀକରଣ ପାଇଁ ଅପେକ୍ଷା କରିଛି । ସେହିପରି ରାଣୀଙ୍କ ଜୟନ୍ତୀ ଉପଲକ୍ଷେ ନିର୍ମିତ ସୂର୍ଯ୍ୟଘଡିକୁ ଅବହେଳା କରାଯାଉଥିବା ବେଳେ ରାଜ୍ୟର ପ୍ରଥମ ବାଳିକା ବିଦ୍ୟାଳୟ ଗୃହକୁ ଗତ ୫ ବର୍ଷ ପୂର୍ବେ ଭଙ୍ଗାଯାଇଛି । ଏ ସମ୍ପର୍କରେ ଲାଇବ୍ରେରି ସଭାପତି ସରୋଜ ରାଜ ସିଂ କହିଛନ୍ତି, ରାଣୀ ଭିକ୍ଟୋରିଆଙ୍କ ୬୦ ବର୍ଷ ଶାସନ କାଳରେ ଏହି ପବ୍ଲିକ ଲାଇବ୍ରେରି ୧୮୯୭ ମେ' ୧୨ରେ ସ୍ଥାପନ କରାଯାଇଥିଲା । ସେହିବର୍ଷ ଜୁନ ୬ରେ ଡାଇମଣ୍ଡ ଜୁବିଲି ଲାଇବ୍ରେରି ଭାବେ ନାମିତ ହୋଇଥିଲା । ଏହାର ୧୦ ବର୍ଷ ପୂର୍ବରୁ ରାଣୀ ଭିକ୍ଟୋରିଆଙ୍କ ୫୦ତମ ଶାସନ ବର୍ଷରେ ଅର୍ଥାତ ୧୮୮୭ରେ ଏହି ପୁରଣା ବସଷ୍ଟାଣ୍ଡଠାରେ ୪ ଫୁଟ ଉଚ୍ଚ ଓ ୧୦ ଫୁଟ ବ୍ୟାସାର୍ଦ୍ଧର ପଥର ଗୋଲେଇ ସୂର୍ଯ୍ୟଘଡି ନିର୍ମାଣ ହୋଇଥିଲା । ସେହିବର୍ଷ ଲେଡି ଫ୍ରେଜରଙ୍କ ନାମରେ ଅଳ୍ପ ବ୍ୟବଧାନରେ ପ୍ରଥମ ବାଳିକା ବିଦ୍ୟାଳୟ ଖୋଲା ଯାଇଥିଲା । ଇଂରେଜ ଶାସନ ସମୟର ଏହି ସ୍ମାରକୀ ଏବେ ଅବହେଳାର ଶିକାର ହୋଇଛି । ଗତ ୨୦୧୭ରେ ବାଳିକା ବିଦ୍ୟାଳୟର ମୂଳଗୃହ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ ହୋଇଛି । ସେହିପରି ସୂର୍ଯ୍ୟଘଡିର ରକ୍ଷଣାବେକ୍ଷଣ ଅଭାବରୁ ଚାରିଆଡେ ଲଟା ମାଡିଯାଇଛି । ଲାଇବ୍ରେରିରେ ଅତ୍ୟଧିକ ପାଠ୍ୟ ପୁସ୍ତକ ରଖିବାକୁ ସ୍ଥାନ ନାହିଁ । ୨୦୧୨ରେ ରାଣୀ ଭିକ୍ଟୋରିଆ ଦ୍ୱିତୀୟଙ୍କ ହୀରକ ଜୁବିଲି ଅବସରରେ ବ୍ରିଟିଶ ସରକାର ଇଂଲଣ୍ଡ ସହିତ ଅନ୍ୟ ଦେଶରେ ଥିବା ପୂର୍ବ ସ୍ମାରକୀକୁ ଉନ୍ନତୀକରଣ କରିଥିବା ବେଳେ ଏହି ଲାଇବ୍ରେରି ପାଇଁ କୌଣସି ଅନୁଦାନ ଆସିନାହିଁ । ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଲାଇବ୍ରେରି ଗୃହର ଉପରେ ଅନ୍ୟ ଏକ ମହଲା ନିର୍ମାଣ ସହିତ ଭିତ୍ତିଭୂମି ସୁଦୃଢ଼ ପାଇଁ ସେ ଦାବି କରିଛନ୍ତି ।


ଡାଇମଣ୍ଡ ଜୁବିଲି ଲାଇବ୍ରେରି ।

ଏ ସମ୍ପର୍କରେ ସମ୍ପାଦକ ବୈଦ୍ୟନାଥ ଚାଟାର୍ଜୀ କହିଛନ୍ତି, ଲାଇବ୍ରେରିରେ ଏବେ ଇଂରାଜୀ, ଓଡ଼ିଆ, ହିନ୍ଦୀ, ବେଙ୍ଗଲୀ ଆଦି ଭାଷାର ୧୫ ହଜାରରୁ ଉର୍ଦ୍ଧ୍ୱ ବହି ରହିଛି । ବିଶେଷ କରି ବଙ୍ଗଳା ଓ ଇଂଲିଶ ଭାଷାର ଅନେକ ପୁରାତନ ଓ ଉତ୍କୃଷ୍ଟ ପୁସ୍ତକ ରହିଛି । ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହି ଲାଇବ୍ରେରି ଗୃହର ଅନେକ ଭୂମିକା ଅଛି । ସ୍ୱାଧୀନତା ସଂଗ୍ରାମୀଙ୍କୁ ଗିରଫ ପାଇଁ ତତ୍କାଳୀନ ପୋଲିସ ଖୋଜୁଥିଲା ବେଳେ ଏଠାରେ ଆସି ସେମାନେ ରହି ଯାଉଥିଲେ । ସେଠାରେ ଥିବା ଭିଜିଟର ବୁକ୍‌ରେ ବରିଷ୍ଠ କବି ରାଧାନାଥ ରାୟ ୧୮୯୭ରେ ଦସ୍ତଖତ କରିଛନ୍ତି । ସେହିପରି ବିଜୁ ପଟ୍ଟନାୟକ, ବିଶ୍ୱଭୂଷଣ ହରିଚନ୍ଦନ, ରାଧାନାଥ ରଥ, ସେକ୍ ମତଲୁବ ଅଲ୍ଲୀ, ଶରତ କର, ବାଲେଶ୍ୱର ରାଜା ବୈକୁଣ୍ଠନାଥ ଦେ, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, ପ୍ରାଣବନ୍ଧୁ କର, ବିଭୂତି ପଟ୍ଟନାୟକ ପ୍ରମୁଖ ପ୍ରତିଭାବାନ ବ୍ୟକ୍ତି ଏଠାକୁ ଆସିଥିବା ସ୍ମାରକୀ ଅଛି । ପବ୍ଲିକ ଲାଇବ୍ରେରିର ସଦୁପଯୋଗ ପାଇଁ ନୂତନ ଗୃହ ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି । ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି କହିଛନ୍ତି, ଏଠାରେ ଥିବା ବହୁ ମୂଲ୍ୟବାନ ପୁସ୍ତକ ଉତ୍ତରପିଢ଼ିଙ୍କ ପାଇଁ ପଥ ପ୍ରଦର୍ଶକ । ଜିଲାର ଏହି ଶିକ୍ଷା କେନ୍ଦ୍ରକୁ ସ୍ମାରକ ଭାବେ ଚିହ୍ନଟ କରିବା ସହିତ ସହର ଓ ଆଖପାଖ ଅଞ୍ଚଳର ଐତିହ୍ୟକୁ ସୁରକ୍ଷିତ କରିବା ଦ୍ୱାରା ସାମାଜିକ ଓ ସାଂସ୍କୃତିକ ବିଭବର ମୂଲ୍ୟାୟନ ହୋଇପାରିବ । ଏହାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ୫-ଟି ସଚିବଙ୍କୁ ସ୍ମାରକପତ୍ର ଦିଆଯାଇଥିବା ସେ କହିଛନ୍ତି ।

# ଚାଷୀ ସରକାର ଗଠନ ପାଇଁ ଜିଲାସ୍ତରୀୟ ସମାବେଶ

- ସବୁ ବିଧାନସଭା ଓ ଲୋକସଭା ଆସନରେ ପ୍ରାର୍ଥୀ ଦେବ ମୋ ଦଳ
- କ୍ଷମତାକୁ ଆସିଲେ ରାଜ୍ୟରେ ପରିବର୍ତ୍ତନ ଆସିବାକୁ ଦେଲା ପ୍ରତିଶ୍ରୁତି
- ବିକାଶକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା

ନୟାଗଡ଼,୧୦।୯(ଲୋକନାଥ ମିଶ୍ର)

ଚାଷୀ ସରକାର ଗଠନ ପାଇଁ ନବ ନିର୍ମାଣ ସ୍ୱରାଜ ସରକାର ମୋ ଦଳର ଜିଲାସ୍ତରୀୟ ସମାବେଶ ନୟାଗଡ଼ ରୋଟାରୀ ଭବନରେ ରବିବାର ଅନୁଷ୍ଠିତ ହୋଇ ଯାଇଛି । ସବୁ ବିଧାନସଭା ଓ ଲୋକସଭାରେ ପ୍ରାର୍ଥୀ ଦେବାକୁ ମୋ ଦଳ ପକ୍ଷରୁ ଘୋଷଣା କରାଯାଇଛି । ତେବେ ପ୍ରାର୍ଥୀ କିଏ ହେବେ ସେନେଇ ଲୋକ ବାଛି ତାଙ୍କ ପାଇଁ ପ୍ରଚାର କରି ବିଜୟୀ କରାଇବାକୁ ପରାମର୍ଶ ଦିଆଯାଇଛି । ଅନ୍ୟପକ୍ଷେ ଦଳ ସରକାର ଗଠନ କଲେ ରାଜ୍ୟରେ ବଡ଼ ଧରଣର ପରିବର୍ତ୍ତନ ଆସିବ । ତେବେ ରାଜ୍ୟରେ ଚାଲିଥିବା ବିକାଶକୁ ନେଇ ବକ୍ତାମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ମୋ ଦଳର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର କହିଲେ ରାଜ୍ୟ ସରକାର ଭ୍ରଷ୍ଟାଚାର ଓ ଦୁର୍ନୀତିରେ ବୁଡି ରହି ବିକାଶର ଡିଣ୍ଡିମ ପିଟୁଛନ୍ତି । ଯଦି ବିକାଶ ହୋଇଛି ତେବେ ଚାଷୀ ଦାଦନ କାହିଁକି ଯାଉଛି । ଚାଷୀର ଜମିକୁ କାହିଁକି ଜଳସେଚନ ବ୍ୟବସ୍ଥା ନାହିଁ । ମହାନଦୀ ପରି ବଡ ନଦୀ ଓ କୁସୁମୀ, କଆଁରିଆ, ବୃଉଙ୍ଗ ପରି ନଦୀ ଥାଇବି ସରକାର କାହିଁକି ବିଫଳ । ଏଣୁ ଚାଷୀ ପରିବର୍ତ୍ତନ ନୀତି ଆପଣେଇଲେ ଚାଷୀର ଖଳାରେ ସୁନାର ଫସଲ ରହିବ । ମହିଳା ସୁରକ୍ଷିତ ହେବେ । ସମସ୍ତେ ଯୋଗ୍ୟତା ଅନୁସାରେ ସରକାରଙ୍କଠାରୁ ପ୍ରାପ୍ୟ ପାଇବେ । ତେବେ ଏଥିପାଇଁ ମୋ ଦଳକୁ ଭୋଟ ଦେଇ ଏହାର ପ୍ରାର୍ଥୀମାନଙ୍କୁ ବିଜୟୀ କରାଇବାକୁ ପଡିବ । ତେବେ ରାଜ୍ୟରେ ପରିବର୍ତ୍ତନ ନିଶ୍ଚିତ ଆସିବ ବୋଲି କହିଛନ୍ତି । ମହା ସଚିବ ପ୍ରଦୀପ ପ୍ରଧାନ କହିଥିଲେ ସ୍କୁଲ ଅଛି ଶିକ୍ଷକ ନାହାନ୍ତି । ସ୍ୱାସ୍ଥ୍ୟକେନ୍ଦ୍ର ଅଛି ଡାକ୍ତର ନାହାନ୍ତି । ଡାକ୍ତର ଅଛନ୍ତି ସେବା ମିଳୁନି । ପୁଣି କୃଷି ଉପରେ ଓ ଚାଷୀର ସମସ୍ୟା ନେଇ ପ୍ରକୃତ ରିପୋର୍ଟ ଉପସ୍ଥାପନ ହୋଇପାରୁନାହିଁ । ନିର୍ବାଚନରେ ମଦ ଓ ଟଙ୍କା ବଣ୍ଟନ ବନ୍ଦ କରାଇବା, ନଚେତ ଏହା ବଣ୍ଟନ କଲେ ଏହାର ପ୍ରଭାବ କାମ ନ କରିବା ପାଇଁ ପଦକ୍ଷେପ ନେବା ଜରୁରୀ । ରାଜ୍ୟରେ ପରିବର୍ତ୍ତନ ପାଇଁ ମୋ ଦଳ ବିରୋଧି ଦଳର ଭୂମିକା ନେଇ ଲୋକଙ୍କ ପାଖକୁରେ ପହଞ୍ଚିଛି । ଆଗକୁ ଏହା ତ୍ୱରାନ୍ୱିତ ହେବ । ଦଳର ସାଧାରଣ ସମ୍ପାଦକ ତଥା ପ୍ରଚାର କମିଟିର ଅଧ୍ୟକ୍ଷ ଶେଷ ଦେବ ନନ୍ଦ କହିଥିଲେ ରାଜନୀତି ବ୍ୟବସାୟୀ, ପୁଞ୍ଜିପତି ଓ ଦଲାଲଙ୍କ ପାଖକୁ ଚାଲି ଯାଇଛି । ମୋ ଦଳ ରାଜୀନିତୀର ରଙ୍ଗ ବଦଳାଇବାକୁ ଉଦ୍ୟମ ଆରମ୍ଭ କରିଛି । ଦଳ କ୍ଷମତାକୁ ଆସିଲେ ସରକାରୀ କର୍ମଚାରୀ ସେବକ ଭାବେ ୨୪ ଘଣ୍ଟିଆ ସେବା ଯୋଗାଇବେ । ମାଲିକ ଭଳି ଅତ୍ୟାଚାର କରିବେ ନାହିଁ । ଅନ୍ୟମାନଙ୍କ ମଧ୍ୟରେ ଚାଷୀ ନେତା ମହେଶ୍ୱର ଜେନା, ରଣଜିତ୍ ଦଳବେହେରା, ପ୍ରସନ୍ନ ପ୍ରଧାନ, ଅଭିମନ୍ୟୁ ଗୁମାନ ସିଂହ, ରମେଶ ପଣ୍ଡା, ପ୍ରଭାତ ପ୍ରଧାନ, ରବୀନ୍ଦ୍ର ବରାଡ, ବିଜୟ ପରିଡା, ଯୋଗ ଦେଇ ମୋ ଦଳକୁ ବିଜୟୀ କରାଇବାକୁ ଶପଥ ନେଇଥିଲେ । ଲୋକଙ୍କ ସମସ୍ୟାକୁ ବିଚାରକୁ ନେଇ ସମାଧାନ କରାଯିବ । ଅନ୍ୟପକ୍ଷେ ମହେଶ୍ୱର ଜେନା, ରଣଜିତ ଦଳବେହେରା, ପ୍ରସନ୍ନ ପ୍ରଧାନ ପ୍ରମୁଖ ସଞ୍ଚୋଜକ ଓ ସହ ସଂଯୋଜକ ଭାବେ ନିର୍ବାଚିତ ହୋଇଛନ୍ତି ।



ସମାବେଶରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

### ଅସ୍ଥାୟୀ ଆସନରେ ମା’ ତାରାତାରିଣୀଙ୍କ ବିଗ୍ରହ ପ୍ରତିଷ୍ଠା

ଶେରଗଡ, ୧୦।୯(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକ ପତୁଆଣୀସ୍ଥିତ ମା’ ତରାତାରିଣୀ ପୀଠରେ ୫-ଟି କାର୍ଯ୍ୟ ଜୋର ସୋରରେ ଚାଲିଛି । ମନ୍ଦିର ନିର୍ମାଣ ସହ ପୀଠର ସୌନ୍ଦର୍ଯ୍ୟକରଣ କାମ ହେବ । ପୁରାତନ ମନ୍ଦିରରେ ମା’ ତରାତାରିଣୀ ଥିବା ଯୋଗୁଁ ମନ୍ଦିର ଭଙ୍ଗାଯାଇ ନିର୍ମାଣ କାର୍ଯ୍ୟ କରାଯାଇ ପାରୁନଥିଲା । ସେହି ପରିପ୍ରେକ୍ଷୀରେ ରବିବାର ଦିନ ପୁରୁଣା ମନ୍ଦିରରୁ ପୂଜାର୍ଚ୍ଚନା ପରେ ହୋମ କରାଯାଇ ବିଗ୍ରହକୁ ପାର୍ଶ୍ୱରେ ଥିବା ଏକ କୋଠରୀରେ ଅସ୍ଥାୟୀ ଆସନରେ ପ୍ରତିଷ୍ଠା କରାଯାଇଛି । ସେଠାରେ ଷୋଡ଼ଶ ଉପଚାର ପୂଜା ହୋମ କରାଯାଇଛି । କର୍ତ୍ତା ଭାବେ ପର୍ଶୁରାମ ସ୍ୱାଇଁ ପୂଜାର୍ଚ୍ଚନା କରିଛନ୍ତି । ଉକ୍ତ କାର୍ଯ୍ୟରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ସରପଞ୍ଚ ରାଜେନ୍ଦ୍ର ସେଠୀ, ବାସୁଦେବ ସ୍ୱାଇଁ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ ।

### ଶ୍ରୀନିବାସ ସେଠୀ ହିଞ୍ଜିଳି ଥାନା ଆଇଆଇସି

ହିଞ୍ଜିଳିକାଟୁ, ୧୦।୯( ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନାର ନୂତନ ଆଇଆଇସି ଭାବେ ଶ୍ରୀନିବାସ ସେଠୀ ରବିବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଆଇଆଇସି ସେଠୀ ପୂର୍ବରୁ ଅନୁଗୁଳ ଜିଲାର ତାଳଚେର ଥାନାରେ କାର୍ଯ୍ୟ କରୁଥିଲେ । ବିଦାୟୀ ଆଇଆଇସି ଅଭିମନ୍ୟୁ ଦାସ ଦାୟିତ୍ୱ ହସ୍ତାନ୍ତର କରିବା ସହ ଥାନାର ସମସ୍ତ ପୋଲିସ କର୍ମଚାରୀ ସ୍ୱାଗତ କରିଥିଲେ । ହିଞ୍ଜିଳି ଆଇଆଇସି ଥିବା ଅଭିମନ୍ୟୁ ଦାସଙ୍କୁ କମିଶନରେଟ ପୋଲିସ ଭୁବନେଶରକୁ ବଦଳି ହୋଇଛି ।

### ଜାତୀୟ ଲୋକ ଅଦାଲତ

କୋଟଗଡ଼, ୧୦।୯(ସରୋଜ ବଲିୟାରସିଂ )

କୋଟଗଡ଼ ଜେଏମ୍ଏଫ୍‌ସି କୋର୍ଟ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଜାତୀୟ ଲୋକ ଅଦାଲତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ବିଚାରପତି ଅନୁରାଗ ଦେହୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବର୍ଷ ବର୍ଷ ଧରି ଲାଗିରହିଥିବା ସମସ୍ୟା ୯ଟି ଓ ପାରିବାରିକ ସମସ୍ୟାଜନିତ ୫ଟି କେସ୍ ବିଚାରପତିଙ୍କ ଦ୍ୱାରା ସମାଧାନ ହୋଇଥିବା ସରକାରୀ ଓକିଲ ସବିତା ସାମନ୍ତରାଏ କହିଛନ୍ତି । ଜାତୀୟ ଲୋକ ଅଦାଲତ କାର୍ଯ୍ୟକ୍ରମରେ ବିଚାରପତିଙ୍କ ସମେତ ସରକାରୀ ଓକିଲ ଅନିଲ ଲେଙ୍କା, ଓକିଲ ଲମ୍ବୋଦର ପଣ୍ଡା, ଜୟାବ ପରାସେଟ, ହରି ପାତ୍ର ଓ ଅନିଲ କୁମାର ଦାସ ଯୋଗଦେଇଥିଲେ ।

### ପୂର୍ବତନ ସରପଞ୍ଚଙ୍କ ଅକାଳ ବିୟୋଗ

କବିସୂର୍ଯ୍ୟନଗର, ୧୦।୯(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକ ଗଙ୍ଗାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଉତ୍ତମ କରଣଙ୍କ ଅକାଳ ବିୟୋଗ ଘଟିଛି । ମୃତ୍ୟୁବେଳକୁ ମାତ୍ର ୩୮ବର୍ଷ ହୋଇଥିଲା । ଆଜି ଚାଷଜମିରେ କାର୍ଯ୍ୟ କରୁଥିବା ବେଳେ ହଠାତ ଅସୁସ୍ଥତା ଅନୁଭବ କରିବାରୁ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଯାଜ୍ଞସେନୀ, ପୁଅ ଅମିତ, ଝିଅ ତୃପ୍ତି ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ । ସ୍ୱର୍ଗତ କରଣ ୨୦୧୨-୨୦୧୭ ବର୍ଷରେ ସରପଞ୍ଚ ଭାବେ କାମ କରିଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମ

ଧରାକୋଟ, ୧୦।୯(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଚିକିତ୍ସା ଅଧିକାରୀ ଡାକ୍ତର ଏମଭିକେ ଅଶୋକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟରତ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ଏହି ଅବସରରେ ଟୀକା କରଣରୁ ବଞ୍ଚିତ ହୋଇ ରହିଥିବା ଶୂନରୁ ପାଞ୍ଚ ବର୍ଷ ବୟସ ଶିଶୁ ଓ ଗର୍ଭବତୀ ମହିଳାମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଶିକ୍ଷା ବିଭାଗ ଓ ସମନ୍ୱିତ ଶିଶୁ ବିଭାଗ ତରଫରୁ କାର୍ଯ୍ୟକ୍ରମକୁ ତଦାରଖ କରାଯାଉଛି । ସମଗ୍ର ବ୍ଲକରେ ୯୦ଟି କେନ୍ଦ୍ର ଖୋଲା ଯାଇଥିବା ବେଳେ ସବ ସେଣ୍ଟର ଓ ଟୀକା କରଣ କେନ୍ଦ୍ର ମଧ୍ୟ ଏଥିରେ ସାମିଲ ହୋଇଛି । ବିପିଏମ ଗୋଲକ ନାରାୟଣ ଗାରିଆଗଡୁ, ବିଡିଏମ ଆଶୁତୋଷ ସାହୁ, ଜନ ସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଞ୍ଜନା ଖଣ୍ଡୁଆଳ ପ୍ରମୁଖ ମିଶନ ଇନ୍ଦ୍ର ଧନୁଷ କାର୍ଯ୍ୟକ୍ରମର ସଫଳତା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

# ଅନୁଗୋଳ ବ୍ରିଜ ଆସୋସିଏଶନ ଚାମ୍ପିୟନ


ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଖେଳାଳିବୃନ୍ଦ ।

## ରାଜ୍ୟସ୍ତରୀୟ ବ୍ରିଜ ଟୁର୍ନାମେଣ୍ଟ ଉଦ୍‌ଯାପିତ

ନୟାଗଡ଼,୧୦।୯(ଲୋକନାଥ ମିଶ୍ର)

ରାଜ୍ୟ ବ୍ରିଜ ଆସୋସିଏଶନ ଏବଂ କେସି କ୍ଲବ ମିଳିତ ଆନୁକୁଲ୍ୟରେ ଶନିବାର ଆରମ୍ଭ ହୋଇଥିବା ଦୁଇଦିନିଆ ରାଜ୍ୟସ୍ତରୀୟ ବ୍ରିଜ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଜୟ ଜଗନ୍ନାଥ ଆସୋସିଏଶନ ନାଲକୋକୁ ହରାଇ ଅନୁଗୋଳ ବ୍ରିଜ ଆସୋସିଏଶନ ଚମ୍ପିୟାନ ହୋଇଛି । ଚମ୍ପିୟାନ ଦଳ ନଭେମ୍ବର ମାସରେ ଗୋଆଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ବ୍ରିଜ ଟୁର୍ନାମେଣ୍ଟରେ ଭାଗ ନେବେ । ଅନ୍ୟ ଏକ ପେୟାର ପ୍ରତିଯୋଗିତାରେ ଗଗନ ବିହାରୀ ମହାପାତ୍ର ଭୁବନେଶ୍ୱର ପ୍ରଥମ ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ଏସ.କେ. ତ୍ରିପାଠୀ ଏବଂ ପି.କେ. ମିଶ୍ର ବଲାଙ୍ଗୀର ରହିଥିଲେ । ସେହିପରି ନୟାଗଡ଼ କେ.ସି. କ୍ଲବର ସନ୍ତୋଷ ପଟ୍ଟନାୟକ, ଗୁରୁପ୍ରସାଦ ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏ ଅବସରରେ ଖବରଦାତା ରାମକୃଷ୍ଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଆଇଏଏସ ଅଧିକାରୀ ରବିନ୍ଦ୍ର ନାଥ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚମ୍ପିୟାନ ଅନୁଗୋଳ ବ୍ରିଜ ଆସୋସିଏଶନ, ରନର୍ସଅପ୍ ଜୟ ଜଗନ୍ନାଥ ନାଲ୍‌କୋକୁ ପୁରସ୍କୃତ କରିଥିଲେ । ଅନୁଷ୍ଠାନର ସଭାପତି ଭାଗିରଥି ଦାସ, ସମ୍ପାଦକ ସଂଗ୍ରାମ କେଶରୀ ଗୁମାନ ସିଂ, ବିଶିଷ୍ଟ କ୍ରୀଡାବିତ ଉମାଶଙ୍କର ଦାସ, ଟୁନା ପଟ୍ଟନାୟକ, ସୁରେନ୍ଦ୍ର ମିଶ୍ର, ପୁର୍ଣ୍ଣେନ୍ଦୁ ମାନସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଟୁର୍ନାମେଣ୍ଟକୁ ଓଡ଼ିଶା ରାଜ୍ୟ ବ୍ରିଜ ଆସୋସିଏଶନର ଡାଇରେକ୍ଟର ଭୀମସେନ ପ୍ରଧାନ ପରିଚାଳନା କରିଥିଲେ ।

# ସମୂହ ବ୍ରତୋପୟନ, ଗଣ ବିବାହ ଉତ୍ସବ

ଖଣ୍ଡପଡ଼ା,୧୦।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ପାଣୁସାହୁ ପାଟଣା ଓ ନିକଟସ୍ଥ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘ ବର୍ଷରୁ ଜଗତ କଲ୍ୟାଣ ନିମନ୍ତେ ପାରମ୍ପରିକ ରୀତିନୀତି ଅନୁଯାୟୀ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି । ଚଳିତ ବର୍ଷ ବିଶ୍ୱ ଶାନ୍ତି ବୈଦିକ ମହାଯଜ୍ଞର ୫୦ ବର୍ଷ ପୂର୍ତ୍ତି ଉତ୍ସବ ମହା ଆଡମ୍ବର ତଥା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଉଛି । ଆସନ୍ତା ଅକ୍ଟୋବର ୧୮ରୁ ୨୯ ତାରିଖ ପର୍ଯ୍ୟନ୍ତ ୧୨ ଦିନ ବ୍ୟାପୀ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଳନ ହେବ । ଅକ୍ଟୋବର ୧୯ ରେ ବ୍ରାହ୍ମଣ ବାଳକ ମାନଙ୍କ ସମୁହ ବ୍ରତୋପୟନ ଓ ୨୦ ରେ ଗଣ ବିବାହ ପାଳନ ନିମନ୍ତେ ମହାଯଜ୍ଞ କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ବ୍ରତୋପୟନ ଓ ଗଣ ବିବାହ କାର୍ଯ୍ୟକ୍ରମର ସୁଯୋଗ ନେବା ପାଇଁ ଇଚ୍ଛୁକ ଯୁବତୀ ଯୁବକମାନେ ଜୁବୁଲି ମହୋତ୍ସବ କମିଟିର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ସହ ଯୋଗାଯୋଗ କରିବାକୁ ସଭାପତି ସାହୁ ନିବେଦନ କରିଛନ୍ତି ।

# କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ

## ଅଧାପକଙ୍କ ଆନ୍ଦୋଳନ ଷଷ୍ଠ ଦିନରେ

ନୟାଗଡ଼,୧୦।୯ (ଲୋକନାଥ ମିଶ୍ର)

ଗ୍ରେଡ ପେ ସଂଶୋଧନ ଦାବିରେ ଶରଣକୁଳ ମହାବିଦ୍ୟାଳୟ ପରି ନୟାଗଡ଼ ଜିଲାରେ ବିଭିନ୍ନ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଷ୍ଟେଟ୍ ସିଲେକ୍ସନ ବୋର୍ଡ ଅଧାପକ ଓ ଅଧାପିକାମାନଙ୍କ ଧାରଣା ଷଷ୍ଠ ଦିନରେ ପହଞ୍ଚିଛି । ଜିଲାର ୧୩୦ରୁ ଉର୍ଦ୍ଧ୍ୱ ଅଧାପକ ଓ ଅଧାପିକାମାନେ କଳା ବ୍ୟାଚ୍ ପିନ୍ଧି ଗୁରୁ ଦିବସଠାରୁ ପ୍ରତିବାଦ ଜାରି ରଖିଛନ୍ତି । ରାଜ୍ୟର ୪୮ ବର୍ଗ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଗ୍ରେଡ ପେ ୪୬୦୦ରୁ ୫୪୦୦କୁ ବୃଦ୍ଧି କରିବା ସହ ପିଛିଲା ଭାବେ ୨୦୧୬ରୁ ଲାଗୁ କରିବାକୁ ଦାବି କରି ଆସୁଛନ୍ତି । ହେଲେ ସରକାର ସେମାନଙ୍କ ଦାବି ଶୁଣୁ ନାହାନ୍ତି ବୋଲି କହିଛନ୍ତି ।


ଆନ୍ଦୋଳନରେ ସାମିଲ ହୋଇଥିବା ଅଧାପକ ଅଧାପିକାମାନେ ।

# ମୁଣ୍ଡିଆ ହନୁମାନ ପୀଠରେ ତ୍ରିନାଥ ଦେବଙ୍କ ବାର୍ଷିକୋତ୍ସବ

ଖଣ୍ଡପଡ଼ା,୧୦।୯
(ଅଜୟ କୁମାର ମହାରଣା)

ରବିବାର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ତ୍ରିନାଥ ଦେବଙ୍କ ୧୨ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବାହ୍ନରେ ଶ୍ରଦ୍ଧାଳୁମାନେ ପାଣି ତୋଳିବା ପରେ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂର୍ଯ୍ୟପୂଜା ପରେ ଠାକୁରଙ୍କ ହୋମ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ଉପଲକ୍ଷେ ଦିବାରାତ୍ର ବାଦୀ ସଂକୀର୍ତ୍ତନ ମଣ୍ଡଳୀ ଓ ନଦୀଆ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମର୍ଦ୍ଦରାଜପୁର ଗ୍ରାମବାସୀଙ୍କ ସହଯୋଗ ଓ ଶ୍ରୀ ଶ୍ରୀ ତ୍ରିନାଥ ଠାକୁର ସେବାସଂଘ ତଥା କାର୍ଯ୍ୟଗ୍ରାହୀ ଅରୁଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରା ଯାଇଥିଲା । ପୁରୋଧା ଭାବେ ରମେଶ ଚନ୍ଦ୍ର ହୋତା, ସରୋଜ କୁମାର ନନ୍ଦ ଓ କର୍ତ୍ତା ଦିଲୀପ ପୃଷ୍ଟି କାର୍ଯ୍ୟ ପରିଚାଳନା କରିଥିଲେ । ସନ୍ଧ୍ୟା ପ୍ରାୟ ସାଢେ ୫ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ବହୁ ଶ୍ରଦ୍ଧାଳୁ ପୂର୍ଣ୍ଣାହୁତି ବେଳେ ଉପସ୍ଥିତ ଥିଲେ ।

# ମା’ କନ୍ଧୁଣିଦେବୀଙ୍କ କଣ୍ଟାପିଢ଼ା ଯାତ୍ରା ପ୍ରସ୍ତୁତି

ସୋରଡା,୧୦।୯(ଲମ୍ବୋଦର ପାଣିଗ୍ରାହୀ)

ଗଞ୍ଜାମ ପ୍ରସିଦ୍ଧ ମା’ କନ୍ଧୁଣିଦେବୀଙ୍କ କଣ୍ଟାପିଢା ଯାତ୍ରା ଓ ମହୋତ୍ସବ ପ୍ରସ୍ତୁତି ଆରମ୍ଭ ହୋଇଛି । କଲିକତାରୁ ତୋରଣ କାରିଗରମାନେ ପହଞ୍ଚି ବଡଦାଣ୍ଡରେ ୬୦ଫୁଟ ସୁଉଚ୍ଚ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ଖେଳପଡିଆ ଠାରେ ରାମଦୋଳି, ମିନା ବଜାର ପାଇଁ ପ୍ରସ୍ତୁତି ସହ ଆମନ୍ତ୍ରଣ ସରିଛି । ମହୋତ୍ସବ ଆରମ୍ଭ ଓ ଶେଷ ଦିନରେ ରାଜ୍ୟର ପ୍ରସିଦ୍ଧ ସଙ୍ଗୀତ ଦଳ ଯୋଗଦେବା ପାଇଁ ବ୍ୟବସ୍ଥା ହୋଇଛି । ଯାତ୍ରା ଶେଷ ଦିନରେ ‘ଆମେ କଳାକାର ସଂସ୍ଥା’ ତରଫରୁ ଅପେରା ମଞ୍ଚସ୍ଥ ପାଇଁ ପ୍ରସ୍ତୁତି ହୋଇଛି । ଚଳିତ ଥର ରାଜ୍ୟର ବହୁ ହାସ୍ୟ ଅଭିନେତାମାନଙ୍କୁ ଦେଖିବାକୁ ମିଳିବ ବୋଲି ସୂଚନା ମିଳିଛି । ସଭାପତି ତଥା ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ, କୋଷାଧ୍ୟକ୍ଷ ପ୍ରମୋଦ ଅଧିକାରୀ, ସମ୍ପାଦକ ଦୁର୍ଗାଚରଣ ଶତପଥି, ଉପସଭାପତି କୈଳାଶ ପଣ୍ଡା ପ୍ରମୁଖ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ଓ ସମାପନ ପାଇଁ ସାମୁହିକ ସହଯୋଗ କାମନା କରିଛନ୍ତି । ଆସନ୍ତା ୨୬ ତାରିଖରେ ପ୍ରସିଦ୍ଧ ବାଲିଯାତ୍ରା ଅନୁଷ୍ଠିତ ହେବ । ସେହିଦିନ ଠାରୁ ପ୍ରତି ସାହିରୁ ଯୋଗାଡ ଶୋଭାଯାତ୍ରା ନଗର ପରିକ୍ରମା ସହ ମା’ଙ୍କ ମନ୍ଦିରରେ ପହଞ୍ଚିବ । ଅକ୍ଟୋବର ୨ ରୁ ୪ ତାରିଖ ମହୋତ୍ସବ ଓ ୫ ତାରିଖରେ କଣ୍ଟାପିଢା ଯାତ୍ରା ସମେତ ରାତିରେ ଅପେରା କାର୍ଯ୍ୟକ୍ରମ ରହିଛି ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସଚେତନତା କାର୍ଯ୍ୟକ୍ରମ



ଖଣ୍ଡପଡ଼ା,୧୦।୯(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କଣ୍ଟିଲୋ କୁଞ୍ଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଓ ନୀଳମାଧବ ନୋଡାଲ ବିଦ୍ୟାପୀଠରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା ଓ ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତା କରି ଉତ୍ତମ ଭିତ୍ତିଭୂମି ସହ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଭଲ ପ୍ରଦର୍ଶନ କରୁଥିବା ମାଧ୍ୟମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବାର ଯୋଜନା ଥିବା ସୂଚନା ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ସଦସ୍ୟ, ସ୍ଥାନୀୟ ଲୋକପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଧାନ ଶିକ୍ଷକମାନେ ରାଜ୍ୟରେ ଥିବା ୫-ଟି ରୁପାନ୍ତରୀକରଣ କାର୍ଯ୍ୟକ୍ରମ ଅଧୀନରେ ସଂପ୍ରତି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା କାର୍ଯ୍ୟକାରୀ କରାଯାଉଥିବା ସମ୍ପର୍କରେ ସୂଚନା ଦେବା ସହ ଏହି ଯୋଜନାରେ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ମେଧାବୀ ଛାତ୍ରୀଛାତ୍ର, ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା ପ୍ରଶାସକ, ଶିକ୍ଷା ବ୍ୟବସ୍ଥା ସହ ଜଡିତ ଉଲ୍ଲେଖନୀୟ ବ୍ୟକ୍ତି ବିଶେଷ ଓ ବିଭିନ୍ନ ଅନୁଷ୍ଠାନକୁ ପୁରସ୍କୃତ କରାଯିବ ବୋଲି ପ୍ରକାଶ କରିଥିଲେ । ଏହାଛଡା ସ୍ୱୀକୃତି, ସମ୍ମାନ ଓ ପ୍ରୋତ୍ସାହନ ଦେବା ପୁରସ୍କାରର ମୁଖ୍ୟ ଉଦ୍ଦେଶ୍ୟ । ଏହା ମାଧ୍ୟମରେ ଶୈକ୍ଷିକ ପରିବେଶରେ ଏକ ସୁସ୍ଥ ପ୍ରତିଯୋଗୀତା ଆରମ୍ଭ ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା । ଏହି ଯୋଜନା ଦ୍ୱାରା ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା ବିକାଶରେ ବଡ଼ ପରିବର୍ତ୍ତନ ଆସିବ ବୋଲି କୁହାଯାଇଛି ।

# ସରକାରୀ ଯୋଜନା ପ୍ରଚାର ପାଇଁ ଜିଲାରେ ଖର୍ଚ୍ଚ ହେବ ୫ କୋଟି

ଭଞ୍ଜନଗର, ୧୦।୯(ବାବୁଲା ପ୍ରଧାନ)


ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

## ଭାରତ ଲୀଳା କଳାକାର ସଂଘର ବାର୍ଷିକ ଉତ୍ସବ

ଘୁମୁସର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଭାରତ ଲୀଳା କଳାକାର ସଂଘର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଯୋଗଦେଇଥିଲେ । ସରକାର କଳାକାରମାନଙ୍କ ଉନ୍ନତି ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ରାଜ୍ୟ ସରକାର କଳାକାରମାନଙ୍କ ଉନ୍ନତି ପାଇଁ ୬୯ କୋଟି ୬୬ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି । କଳାକାରମାନେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରିବେ । ଗଞ୍ଜାମ ଜିଲାର ୫୦୩ ପଞ୍ଚାୟତରେ ୫-ଟି ଯୋଜନା ସମେତ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯିବ । ଏ ବାବଦରେ ପଞ୍ଚାୟତ ପିଛା ୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ । ଏଥିସହ ବ୍ଲକ ଏବଂ ଜିଲାସ୍ତରରେ ତାଲିମ ପାଇଁ ୫୦ ହଜାର ଟଙ୍କା ଖର୍ଚ୍ଚ ହେବ । ଏହିଭଳି ଗଞ୍ଜାମ ଜିଲାରେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବ । ବର୍ତ୍ତମାନ ଜିଲାରେ ୨୯୫ କଳାକାର ସଂଘ ଜିଲା ସସ୍କୃତି ବିଭାଗ ପାଖରେ ନାମ ପଞ୍ଜୀକୃତ କରିଛନ୍ତି । ଆହୁରି ଅଧିକ କିଭଳି ସଂଘ ନାମ ପଞ୍ଜୀକୃତ କରିବେ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ବୋଲି ବେହେରା କହିଥିଲେ । ଦାସକାଠିଆ ନୃତ୍ୟ ରେ ମୁଖ୍ୟ କଳାକାରଙ୍କୁ ଦୈନିକ ୧ ହଜାର ଟଙ୍କା ଏବଂ ଗାଡ଼ି, ଖାଦ୍ୟ ଭତ୍ତା ବାବଦକୁ ୩୦୦ ଟଙ୍କା ଦିଆଯାଉଛି । ସହ କଳାକାରଙ୍କୁ ୮୦୦ ଟଙ୍କା ଏବଂ ଭତ୍ତା ବାବଦକୁ ୩୦୦ ଟଙ୍କା ଦିଆଯାଉଛି । ଏହିଭଳି ଅନ୍ୟ କଳାକାର ମାନଙ୍କୁ ମଧ୍ୟ ପାରିଶ୍ରମିକ ପ୍ରଦାନ କରାଯାଉଥିବା କହିଥିଲେ । ଉତ୍ସବରେ ସଭାପତି ଗୁରୁ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅବସରପ୍ରାପ୍ତ ସଂସ୍କୃତି ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ନିଶାଙ୍କ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାରମ୍ପରିକ କଳା ଏବଂ ବର୍ତ୍ତମାନର କଳା ଉପରେ କହିଥିଲେ । ଭାରତ ଲୀଳା ନାଟର ନିର୍ଦ୍ଦେଶକ ସନ୍ତୋଷ କୁମାର ପାଢ଼ୀ, ନବଘନ ପରିଡା,ଉପସଭାପତି ପ୍ରମୋଦ କୁମାର ଦାସ, ସମ୍ପାଦକ ବାଲ୍ମିକୀ ଗୌଡ, ରଙ୍କନିଧି ବେହେରା, ଶିବରାମ ପାତ୍ର, କାଳୀଚରଣ ସାହୁ, ବରିଷ୍ଠ କଳାକାର ନାରାୟଣ ମହାରଣା, ବ୍ଲକ କଳାକାର ସଂଘ ଉପସଭାପତି ଜଗଦୀଶ ପାଣିଗ୍ରାହୀ ଆଲୋଚନାରେ ଭାଗ ନେଇଥିଲେ । ଜିଲାର ସମସ୍ତ ପଞ୍ଚାୟତରେ କଳାକାର ସଂଘ କିଭଳି ଗଠନ ହେବ ସେନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ପ୍ରଫୁଲ୍ଲ କୁମାର ଦାସ ସଭା ସଂଯୋଜନା କରିଥିଲେ । ରଙ୍କନିଧି ସାହୁ, ଉପଦେଷ୍ଟା ଶିବରାମ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ନିର୍ବାଚିତ ପ୍ରତିନିଧି ବାଛି ପାରୁ ନାହାନ୍ତି ଓଡ଼ଗାଁ ବାସିନ୍ଦା

ନୟାଗଡ଼,୧୦।୯ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାର ଓଡ଼ଗାଁ ଏନଏସି ଗଠନର ୫ ବର୍ଷ ବିତି ଗଲାଣି । ହେଲେ ଓଡ଼ଗାଁ ସହରାଞ୍ଚଳବାସୀ ଏଯାବତ ଭୋଟ ଦେଇ ସେମାନଙ୍କର ନିର୍ବାଚିତ ପ୍ରତିନିଧି ବାଛି ପାରୁ ନାହାନ୍ତି । ୱାର୍ଡ ପୁର୍ନଗଠନରେ ଭୁଲ ଦର୍ଶାଇ କୋର୍ଟରେ ମାମଲା କରିବାରୁ ଓଡ଼ଗାଁ ଏନଏସିରେ ନିର୍ବାଚନ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। କେତେଜଣ ବ୍ଲକସ୍ତରୀୟ ରାଜନେତା ଓଡ଼ଗାଁ ଏନଏସିରେ ନିର୍ବାଚନ ନ କରିବାକୁ ପ୍ରାୟୋଜିତ କାର୍ଯ୍ୟକ୍ରମ କରି ସଫଳ ହୋଇଛନ୍ତି । ୨୦୧୭ରେ ଓଡ଼ଗାଁ ଏନଏସି ଗଠନ ହୋଇଥିଲେ ମଧ୍ୟ ଏଥିରେ ଏଯାବତ ଜଣେ ସ୍ଥାୟୀ ନିର୍ବାହୀ ଅଧିକାରୀ ନାହାନ୍ତି । ଓଡ଼ଗାଁ ବିଡିଓ ଏହାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ଗଣତନ୍ତ୍ର ଶାସନକୁ ରୋକ୍ ଦେବା ପାଇଁ ଚକ୍ରାନ୍ତ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ଓ ଆନ୍ଦୋଳନ ପାଇଁ ଦାନା ବାନ୍ଧୁଛି।

- ଉଦ୍‌ଘାଟନ ପରେ ୫ ବର୍ଷ ହେଲା ନିର୍ବାଚନ ସ୍ଥଗିତ
- ୱାର୍ଡ ପୁନର୍ଗଠନରେ ଭୁଲ୍ ଦର୍ଶାଇ ମାମଲା କୋର୍ଟରେ
- ନିର୍ବାଚନ ବନ୍ଦ ପାଇଁ ପ୍ରାୟୋଜିତ କାର୍ଯ୍ୟକ୍ରମ
- ୨୦୧୭ରେ ଉଦ୍‌ଘାଟିତ ହୋଇଥିଲା ଓଡ଼ଗାଁ ଏନ୍ଏସି
- ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଓଡ଼ଗାଁ ବିଡିଓ

## ନିର୍ବାଚନ ପାଇଁ ସଚେତନତା ସୃଷ୍ଟି କରିବୁ



ଓଡ଼ଗାଁ ଏନଏସି ଗଠନ ପାଇଁ ୧ମାସ ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଧାରଣା ଦିଆଯାଇଥିଲା। ମୁଁ ନିଜେ ଧାରଣା ଦେଇଥିଲି। ସହରାଞ୍ଚଳ ପାଇଁ ଓଡ଼ଗାଁବାସୀଙ୍କ ସମର୍ଥନ ମିଳିଥିଲା । ତେବେ ସ୍ଥାନୀୟ ବିଧାୟକ ଓ ନେତା ଏନଏସି ପାଇଁ ଆଗ୍ରହୀ ନ ଥିଲେ । ସବୁ କଳ୍ପନାଜଳ୍ପନାର ଅବସାନ ଘଟି ୨୦୧୭ରେ ଓଡ଼ଗାଁ ଏନଏସି ଘୋଷଣା ହେଲା । ହେଲେ ଓଡ଼ଗାଁ ଏନଏସିରେ ନିର୍ବାଚନ ବନ୍ଦ କରିବା ପାଇଁ କେତେଜଣ ରାଜନେତା ଗୋଟି ଚାଳନା କରି ସଫଳ ହେଲେ। ୱାର୍ଡ ପୁର୍ନଗଠନରେ ତ୍ରୁଟି ଦର୍ଶାଇ ଜଣେ ଶିକ୍ଷକ କୋର୍ଟକୁ ଯାଇ ମାମଲା କଲେ । ଏଣୁ ଏନଏସି ଗଠନଠାରୁ ନିର୍ବାଚନ ବନ୍ଦ ରହିଛି। ଏନଏସି କର୍ତ୍ତୃପକ୍ଷ ଠିକ କାଗଜପତ୍ର କୋର୍ଟରେ ଉପସ୍ଥାପନ କଲେ ନିର୍ବାଚନ ହୁଅନ୍ତା । ହେଲେ ଜାଣି ଶୁଣି ସମୟ ଘୁଞ୍ଚାଇ ଚାଲିଛି । କୋର୍ଟ ଉପରେ କେହି ନୁହେଁ । ଏଣୁ ଆମେ ନିର୍ବାଚନ ପାଇଁ ସଚେତନତା ସୃଷ୍ଟି କରିବୁ ।

**–ସୁଶାନ୍ତ କୁମାର ସାହୁ, ପାଟଣା ସାହି, ଓଡ଼ଗାଁ**

## ଗଣତନ୍ତ୍ର ପାଇଁ ବିପଦ

ଓଡ଼ଗାଁ ଏନଏସିରେ ନିର୍ବାଚନ ହେଲେ ଶାସକ ଦଳ ବିଜୟୀ ନ ହୋଇ ପାରେ ବୋଲି ଚର୍ଚ୍ଚା ହେଉଛି । ଏଣୁ ନିର୍ବାଚନ କିପରି ନ ହେବ ସେଥିପ୍ରତି ଶାସକ ଦଳ ବ୍ୟବସ୍ଥା କରିଛି। ନିଜର ଜଣେ ଅନୁଗତ ଶିକ୍ଷକଙ୍କ ଦ୍ୱାରା କୋର୍ଟରେ ମାମଲା କରି ନିର୍ବାଚନ ବନ୍ଦ କରିଛନ୍ତି । ଯାହା ଠିକ୍ ବ୍ୟବସ୍ଥା ନୁହେଁ । ଗଣତନ୍ତ୍ର ଶାସନରେ ଲୋକଙ୍କୁ ଭୋଟ ଦେବାର ଅଧିକାର ଛଡାଇ ନେବା ଘାତକ ସାଜିପାରେ । ଗଣତନ୍ତ୍ର ପାଇଁ ବିପଦ । କିଛି ଲୋକ ଏନେଇ କୋର୍ଟ ଯିବାକୁ ସଜବାଜ ହେଉଛନ୍ତି । ଆଶା ଅଛି କୋର୍ଟ ନିଶ୍ଚିତ ନିର୍ବାଚନ କରିବା ସପକ୍ଷରେ ରାୟ ଦେବ ।



**–ଭଗବାନ ଆଚାର୍ଯ୍ୟ, କଂଗ୍ରେସ ନେତା, ଓଡ଼ଗାଁ**

## ଭୋଟରଙ୍କ ସହ ଖେଳ



ଓଡ଼ଗାଁ ସହରାଞ୍ଚଳ ହେବା ପରେ ଆମେ ଖୁସିରେ ଆତ୍ମ ବିଭୋର ହୋଇ ପଡିଥିଲୁ । ହେଲେ ନିର୍ବାଚନ ବନ୍ଦ ହୋଇଗଲା ପରେ ଆମେ ଉଦ୍‌ବେଗ ପ୍ରକାଶ କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । କେତେଜଣ ଲୋକ କ୍ଷମତାକୁ ଅପ ବ୍ୟବହାର କରି ଭୋଟରଙ୍କ ସହ ଖେଳୁଛନ୍ତି । ଭୋଟର କିନ୍ତୁ କାହାର ନୁହେଁ । ଚାହିଁଲେ ସରକାର କରିଦେବେ । ପୁଣି ଇଚ୍ଛା କଲେ ସରକାର ବଦଳାଇ ଦେବେ । ୫ ବର୍ଷ ହେଲା ଓଡ଼ଗାଁ ସହରବାସୀ ଭୋଟ ନ ଦେଇ ଅସନ୍ତୋଷ ବ୍ୟକ୍ତ କରି ଆସୁଛନ୍ତି । ଭୋଟରଙ୍କ ସହ ଖେଳ ଭଲ ନୁହେଁ । ସହରରେ ରହି ଗ୍ରାମାଞ୍ଚଳର ଜୀବନଠାରୁ ହୀନ ପରି ଚଳିବାକୁ ପଡୁଛି ବୋଲି କହିଛନ୍ତି ।

**–ପ୍ରକାଶ କୁମାର ଦାସ, ମନ୍ଦିର ରୋଡ, ଓଡ଼ଗାଁ**

## ନିର୍ବାଚନ କରାଯାଉ



ଓଡ଼ଗାଁ ଏନଏସିରେ ନିର୍ବାଚନ ନ କରିବା ପଛରେ ଭାଇ ଅଛନ୍ତି । ଭାଇ ଚାହୁଁ ନାହାନ୍ତି ନିର୍ବାଚନ ହେଉ । ଏଣୁ ହାଇକୋର୍ଟରେ ମକଦ୍ଦମା କରି ନିର୍ବାଚନକୁ ଜାଣି ଶୁଣି ବନ୍ଦ କରାଯାଇଛି । ଜଣେ ଶିକ୍ଷକ ପୁଣି କ୍ଷେତ୍ର କରିଛନ୍ତି। ଭୋଟର ସବୁ ବୁଝୁଛନ୍ତି ଓ ଜାଣୁଛନ୍ତି । ସମୟ ଆସିଲେ ଠିକଣା ଜବାବ ଦେବେ । ତେବେ ନିର୍ବାଚନ କେତେ ଦିନ ପର୍ଯ୍ୟନ୍ତ ବନ୍ଦ ରହୁଛି ଦେଖିବାର ରହିଲା। ମୋର ଓଡ଼ଗାଁ ଏନଏସିରେ ଘର ହୋଇ ନ ଥିଲେ ମଧ୍ୟ ନିର୍ବାଚନ ନ ହେବାରୁ ସହରାଞ୍ଚଳବାସୀ କ୍ଷୋଭ ଓ ଉଦ୍‌ବେଗ ପ୍ରକାଶ କରି ଆସୁଛନ୍ତି। ଭାଇଙ୍କ ଭୟରେ ମୁହଁ ଖୋଲୁ ନ ଥିଲେ ମଧ୍ୟ ନିର୍ବାଚନ ନେଇ ସହମତି ରହିଛି ବୋଲି କହିଛନ୍ତି । ନିର୍ବାଚନ କରିବା ପାଇଁ କ'ଣ କରାଯିବା ଦରକାର ସେନେଇ ଆଇନଜିବୀଙ୍କ ସହ ବିଚାରବିମର୍ଶ ଜାରି ରହିଛି ।

**–ଶାନ୍ତନୁ ବିଶୋଇ, ସାମାଜିକ କର୍ମୀ, ଦଣ୍ଡୋର**

## ଖୁବ୍ ଶୀଘ୍ର ହେବ ନିର୍ବାଚନ



ଓଡ଼ଗାଁ ଏନଏସି ନିର୍ବାଚନ ନେଇ ହାଇକୋର୍ଟ ଷ୍ଟାଟସ ରିପୋର୍ଟରୁ ଜଣାପଡେ ଡବ୍ଲ୍ୟୁପିସି ନଂ ୨୫୪୫୨/୨୦୧୭, ଆଇ କେଶ ନଂ. ୨୧୯୦୯/୨୦୧୭ ପ୍ରକାରେ ୧୧।୧୨।୨୦୧୭ରେ କୌଣସି ଆଦେଶ ହାଇକୋର୍ଟ ପ୍ରଦାନ କରି ନାହାନ୍ତି। ଯଦି ହାଇକୋର୍ଟ ସ୍ଥଗିତାଦେଶ ଦେଇଥିବେ ତେବେ ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ ୬ ମାସ ପାଇଁ ବଳବତ୍ତର ରହିପାରିବ । ଏଣୁ ନିର୍ବାଚନ ବନ୍ଦ ପଛରେ ରାଜନୈତିକ ଉଦ୍ଦେଶ୍ୟ ଓ ଗୃହ ଓ ନଗର ଉନ୍ନୟନ ବିଭାଗ ମଧ୍ୟ ସାମିଲ ରହୁଛି । ଯଦି ୧୫ ଦିନ ମଧ୍ୟରେ ରାଜ୍ୟ ନିର୍ବାଚନ କମିଶନର ଓ ଗୃହ ନଗର ଉନ୍ନୟନ ବିଭାଗ ଓଡ଼ଗାଁ ଏନଏସି ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ନ କରନ୍ତି ଭାରତୀୟ ବିକାଶ ପରିଷଦ ନିର୍ବାଚନ ପାଇଁ ହାଇକୋର୍ଟରେ ଆଶ୍ରୟ ନେବ ।

**–ସୁରେନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସଭାପତି, ଭାରତୀୟ ବିକାଶ ପରିଷଦ**

# ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅବିନାଶ



@ ସତ୍ୟଜିତ୍



@ ସୋନୁ



@ ଉମା



@ ବିଶ୍ୱମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚୋରି ବାଇକ୍ ଯନ୍ତ୍ରାଂଶ ଜବତ, ୩ କୋର୍ଟ ଚାଲାଣ

ଭାପୁର,୧୦।୯ (ଭରତ କୁମାର ବେହେରା)

ଫତେଗଡ଼ ଥାନା ଭାପୁର ବଜାର ଷ୍ଟେଟ ବ୍ୟାଙ୍କ ନିକଟରୁ ଚୋରି ହୋଇଥିବା ବାଇକ୍‌ର ଯନ୍ତ୍ରାଂଶ ଜବତ ହୋଇଛି । ଏହି ଘଟଣାରେ ପୋଲିସ ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶୁକ୍ରବାର ଭାପୁର ଗ୍ରାମର କୃଷ୍ଣଚନ୍ଦ୍ର ସାହୁ ନିଜର ବାଇକ୍ (ନଂ.ଓଡି ୦୨ବିଏକ୍ସ୍‌୯୫୭୪) ଭାପୁର ଷ୍ଟେଟ ବ୍ୟାଙ୍କ ସାମ୍ନାରେ ରଖି କୌଣସି କାମରେ ଯାଇଥିଲେ। ହେଲେ କିଛି ସମୟ ପରେ ତାଙ୍କ ବାଇକ୍ ଚୋରି ହୋଇଯାଇଥିଲା। ଏ ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଦେଖିବା ସହ ତଦନ୍ତ କରିଥିଲା । ଏହି ଘଟଣାରେ ଫତେଗଡ ଗ୍ରାମର ପିଣ୍ଟୁ ସ୍ୱାଇଁ (୨୫) ଓ ଦୀପକ ସାହୁ (୩୦)ଙ୍କୁ ପୋଲିସ ପ୍ରଥମେ ଗିରଫ କରିଥିଲା । ତାଙ୍କ ବୟାନ ଅନୁଯାୟୀ ବିଜିପୁର ନିକଟସ୍ଥ ଚାରିଛକରେ ଥିବା ଏକ ଗ୍ୟାରେଜରେ ଉକ୍ତ ବାଇକ୍ ବିକ୍ରି କରାଯାଇଥିଲା । ପୋଲିସ ଗ୍ୟାରେଜ ମାଲିକ ମୃତ୍ୟୁଞ୍ଜୟ ଦାଶଙ୍କୁ ଗିରଫ କରିବା ସହ ସେ ବାଇକ୍‌କୁ ଖୋଲି ସମସ୍ତ ଯନ୍ତ୍ରାଂଶ ବସ୍ତାରେ ବାନ୍ଧି ରଖିଥିଲେ। ତାହା ଜବତ କରାଯାଇଛି । ଫତେଗଡ଼ ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୨୦୨/୨୩) ରୁଜୁ କରାଯାଇଛି।



ଗିରଫ ଅଭିଯୁକ୍ତ ଓ ଜବତ ବାଇକ୍।

# ପଠାଣି ସାମନ୍ତ ସଂଗ୍ରହାଳୟ ଛାତରୁ ପାଣି ଗଳୁଛି




ପଠାଣି ସାମନ୍ତ ସଂଗ୍ରହାଳୟ।

ଖଣ୍ଡପଡ଼ା,୧୦।୯ (ଅଜୟ କୁମାର ମହାରଣା)

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ୨୦୧୬ ଡ଼ିସେମ୍ବର ୨୫ରେ ଖଣ୍ଡପଡାଠାରେ ପ୍ରତିଷ୍ଠା ହୋଇଥିବା ପଠାଣି ସାମନ୍ତ ସଂଗ୍ରହାଳୟଟି ସଂପ୍ରତି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ହେବାରେ ଲାଗିଛି। ଏବେ ବର୍ଷା ଦିନେ ଛାତରୁ ପାଣି ଗଳୁଛି । ଫଳରେ ସଂଗ୍ରହାଳୟରେ ଥିବା ସାମଗ୍ରୀଗୁଡିକ ନଷ୍ଟ ହେବାରେ ଲାଗିଛି । ଘରର ଝରକା କବାଟ ସବୁ ନଷ୍ଟ ହେବାକୁ ବସିଛି ବୋଲି ଅଭିଯୋଗ ହୋଇଛି।

ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣି ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଜନ୍ମ ମାଟି ଖଣ୍ଡପଡ଼ା ଠାରେ ଏହି ସଂଗ୍ରହାଳୟଟି ଗତ ୭ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇଛି । ବର୍ଷ ତମାମ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଓ ଛାତ୍ରୀଛାତ୍ରମାନେ ସଂଗ୍ରାହାଳୟକୁ ପରିଦର୍ଶନରେ ଆସି ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥାଆନ୍ତି। ପଠାଣି ସାମନ୍ତଙ୍କ ଜୀବନ ବୃତାନ୍ତ ସମ୍ପର୍କରେ ଅବଗତ ହୋଇ ପର୍ଯ୍ୟଟକମାନେ ବିଶେଷ ଆନନ୍ଦ ଅନୁଭବ କରୁଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଅଦ୍ୟାବଧି ଏଠାରେ ଏକ ଟେଲିସ୍କୋପ ଓ ମିନି ପ୍ଲାନେଟୋରିୟମ ପ୍ରତିଷ୍ଠା ହୋଇ ପାରିନାହିଁ । ସେହିପରି ସଂଗ୍ରାହାଳୟ ସମ୍ମୁଖରେ ଯାନବାହନ ଗୁଡିକ ପାର୍କି ନିମନ୍ତେ ସେଭଳି କୌଣସି ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଯୁବକଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ କୋର୍ଟ ଚାଲାଣ

ଆସିକା,୧୦।୯(ସୁରେନ୍ଦ୍ର ନାଥ ସାହୁ)

କୋଟିନେଡା ଥାନା ହରିଡାପଦର ଗ୍ରାମରେ ଶନିବାର ସେହି ଗ୍ରାମର ସଞ୍ଜୟ ନାୟକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ରବିବାର ପୋଲିସ ଏହି ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିଛି ସେ ହେଲେ ଉକ୍ତ ଗ୍ରାମର ସୁରେଶ ଡାକୁଆ। ତାଙ୍କ ନିକଟରୁ ଗୋଟିଏ ଭୁଜାଲି ଓ ରକ୍ତଭିଜା ଲୁଗା ଜବତ କରାଯାଇଛି। ସୁରେଶଙ୍କୁ ରବିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ମାମଲାର ତଦନ୍ତ ଅଧିକାରୀ ଆସିକା ଏସଡିପିଓ ଉମା ଶଙ୍କର ସିଂ ସୂଚନା ଦେଇଛନ୍ତି। ଗ୍ରାମର ଆଇନଶୃଙ୍ଖଳା ପ୍ରତି ପୋଲିସ ପକ୍ଷରୁ କଡା ନଜର ରଖାଯାଇଛି । ଏକ ପ୍ଲାଟୁନ ସଶସ୍ତ୍ର ପୋଲିସ ଗ୍ରାମରେ ମୁତୟନ ରହିଥିଲା ବେଳେ ପୋଲିସ ପଇଁତରା ଜାରି ରହିଛି । ପ୍ରକାଶ ଯେ, ହରିଡାପଦର ଗ୍ରାମରେ ଦୀର୍ଘଦିନ ଧରି ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ବିଭିନ୍ନ ସମୟରେ ତିକ୍ତତା ଲାଗି ରହିଛି । ଶୁକ୍ରବାର ଗ୍ରାମରେ କେତେଜଣ ଅସବର୍ଣ୍ଣ ଯୁବକ ହୋହାଲ୍ଲା କରୁଥିବା ଖବରପାଇ କୋଟିନେଡା ପୋଲିସ ପହଞ୍ଚି ଦୁଇ ଜଣଙ୍କୁ ଉଠାଇ ନେଇଥିଲା।

# ନୀଳମାଧବଙ୍କ ପୀଠରେ ଲବଣିଖିଆ ଓ କାଳୀୟଦଳନ ଉତ୍ସବ

ଖଣ୍ଡପଡ଼ା,୧୦।୯ (ଅଜୟ କୁମାର ମହାରଣା)

ରବିବାର କାଳୀୟଦଳନ ଏକାଦଶୀ ତିଥିରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପୀଠରେ ବାଳୁତ କୃଷ୍ଣଙ୍କ ଲବଣୀଖିଆ ଓ କାଳୀୟ ଦଳନ ଉତ୍ସବ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ନୀଳମାଧବ ଜୀଉଙ୍କ ସ୍ନାନ ଏବଂ ଅବକାଶ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା । ଅପରାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ଠାକୁରଙ୍କ ସନ୍ଧ୍ୟା ଆଳତି ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ଓ ବାଳୁତ କୃଷ୍ଣଙ୍କୁ ବେଶ କରାଯାଇଥିଲା । ଗୋପାଳ ଭୂମିକାରେ ଅବତୀର୍ଣ୍ଣ ନିହାର ରଞ୍ଜନ ମିଶ୍ର ବାଳଗୋପାଳ କୃଷ୍ଣ ଓ ମଦନମୋହନଙ୍କୁ ନିଜ ବାସଭବନକୁ ଲବଣୀ ଖାଇବାକୁ ନିମନ୍ତ୍ରଣ କରିଥିଲେ । ନିମନ୍ତ୍ରଣ ସାଥିରେ ଅଣାଯାଇଥିବା ନୂତନ ବସ୍ତ୍ର ଓ ଅଳଙ୍କାର ପରିଧାନ କରି ବାଳୁତ କୃଷ୍ଣ ସେବକସାହିତ୍ଯ ପୂଜକ ସ୍ୱର୍ଗତ ଉପେନ୍ଦ୍ର ନାଥ ମିଶ୍ରଙ୍କ ଗୃହକୁ ଅପରାହ୍ନ ପ୍ରାୟ ସାଢେ ୧ଟା ସମୟରେ ବିଜେ କରିଥିଲେ । ବିଜେ କରିବା ପୂର୍ବରୁ ସାହିର ସମସ୍ତ ବ୍ରାହ୍ମଣ ସମ୍ପ୍ରଦାୟର ମହିଳାମାନେ ବାଳଗୋପାଳଙ୍କୁ ବନ୍ଦାପନା କରି ପୂଜାର୍ଚ୍ଚନା କରିଥିଲେ । ପରେ ପୂଜକ ରବିନ୍ଦ୍ର ନାଥ ମିଶ୍ର ଠାକୁରଙ୍କୁ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରିବା ଏହାପରେ ଶ୍ରୀ ଜୀଉଙ୍କୁ ସର, ଲବଣୀ ଓ ବିଭିନ୍ନ ପ୍ରକାର ଫଳ ଅର୍ପଣ କରାଯାଇଥିଲା । ଅପରାହ୍ନ ପ୍ରାୟ ୫ଟାରେ କାଳନ୍ଦୀ ହ୍ରଦ ନୀତି ସମ୍ପନ୍ନ ହେଉଥିଲା । ଏହାପରେ ନୀଳମାଧବ ଦୟଣା ଚୋରି ବଗିଚାକୁ ସୁସଜ୍ଜିତ ଏକ ମଣି ବିମାନରେ ବିଜେ ହୋଇଥିଲେ ।

ପରମ୍ପରା ଅନୁସାରେ ଠାକୁର ନୀଳମାଧବ ଚନ୍ଦନ ପୋଖରୀକୁ କାଳନ୍ଦୀ ହ୍ରଦର ନୀତି ସମ୍ପନ୍ନ ପାଇଁ ବିଜେ ହୋଇଥାନ୍ତି ମାତ୍ର ନୀଳମାଧବ ବିକାଶ ପ୍ରକଳ୍ପରେ ସାମିଲ କରାଯାଇଥିବା ଚନ୍ଦନ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ସମୟ ସୀମା ମଧ୍ୟରେ ସମ୍ପନ୍ନ ହୋଇ ନ ଥିବାରୁ ଏହାର ବିକଳ୍ପ ବ୍ୟବସ୍ଥା ପାଇଁ ଦୟଣା ଚୋରି ବଗିଚାକୁ ବିଜେ ହୋଇଥିଲେ । ପୁରାଣର କଥା ବସ୍ତୁକୁ ଆଧାର କରି କାଳନ୍ଦୀ ହ୍ରଦରେ ଥିବା ଏକ ସପ୍ତଫେଣୀ ନାଗର ବିଷ ଜ୍ୱାଳାରେ ହ୍ରଦ ମଧ୍ୟରେ ଥିବା କୌଣସି ଜୀବଜନ୍ତୁ ଓ ମନୁଷ୍ୟ ପ୍ରବେଶ କରିପାରୁ ନ ଥିଲେ । ଏପରିକି ହ୍ରଦର ଉପରି ଭାଗରେ ଉଡି ଯାଉଥିବା ପକ୍ଷୀମାନେ ମଧ୍ୟ କାଳୀୟ ନାଗର ବିଷ ଜ୍ୱାଳାରେ ବିନାଶ ହୋଇଯାଉଥିଲେ । ଫଳରେ ଦର୍ପ ଦଳନ ଶ୍ରୀକୃଷ୍ଣ କାଳୀୟ ନାଗର ଗର୍ବ ନାଶ ନିମନ୍ତେ କାଳୀୟ ହ୍ରଦରେ ଜଳ କ୍ରୀଡା କରି ସପ୍ତଫେଣୀ ନାଗର ଫଣାରେ ନୃତ୍ୟ କରି ତାଙ୍କୁ ଅନ୍ୟତ୍ର ପଠାଇ ଦେଇଥିଲେ । ଏହି ପୌରାଣିକ କଥା ଅନୁଯାୟୀ କାଳନ୍ଦୀ ହ୍ରଦ ସଦୃଶ ଦୟଣା ଚୋରି ବଗିଚାରେ ଠାକୁରଙ୍କ ନୀତି ଶେଷ ହୋଇଥିଲା । କାଠ ନିର୍ମିତ ଏକ ସପ୍ତଫେଣୀ ନାଗକୁ ଧରି ବସିଥିବା ମନ୍ଦିରର ମାଳି ସୁବାସ ମହାପାତ୍ରଙ୍କ ପାଖରେ ବାଳୁତ କୃଷ୍ଣ ପହଁଞ୍ଚ କାଳୀୟ ନାଗର ଫଣାରେ ପାଦ ରଖି ତାର ଗର୍ବ ଖଣ୍ଡନ କରିଥିଲେ । କାଳୀୟ ନାଗର ଦଂଶନରେ ଠାକୁରଙ୍କ ସର୍ବାଙ୍ଗ ବିଷାକ୍ତ ହୋଇଯାଇଥିଲା । ଗରୁଡ ଭୂମିକାରେ ଥିବା ଦାଶରଥି କର ପହଁଞ୍ଚିବା ପରେ କାଳୀୟ ନାଗ ତାଙ୍କ ସମସ୍ତ ଶକ୍ତି ହରାଇ ବସିଥିଲେ ।



ଶ୍ରୀ ନୀଳମାଧବ ଜୀଉଙ୍କ ଲବଣିଖିଆ ବେଶ।



ଠାକୁରଙ୍କ ପାଖରେ ଭୋଗ ଲାଗି କରାଯାଉଛି।

